





ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୩ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 OCTOBER 2020

Vol.No. 30 ■ No. 260 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,


## ବାଲେଶ୍ୱର ସଦର ଓ ତିର୍ତୋଲ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେଡି

# ନବୀନଙ୍କ ନିଷ୍ପତ୍ତିକୁ ବିରୋଧ : ବାଲେଶ୍ୱରରେ କର୍ମୀ ତାତିଲେ



◆ ତିର୍ତୋଲରୁ ବିଜୟ ଶଙ୍କର ଦାସ,
◆ ବାଲେଶ୍ୱର ସଦରରୁ ସ୍ୱରୂପ ଦାସ ପ୍ରାର୍ଥୀ

ଭୁବନେଶ୍ୱର,୧୨।୧୦ (ନି.ପ୍ର): ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବାଲେଶ୍ୱର ସଦର ଓ ତିର୍ତୋଲ ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ବିଜେଡି । ତିର୍ତୋଲ ପାଇଁ ବିଜୟ ଶଙ୍କର ଦାସଙ୍କୁ ବିଜେଡି ପ୍ରାର୍ଥୀ କରିଥିବାବେଳେ ବାଲେଶ୍ୱର ସଦର ପାଇଁ ସ୍ୱରୂପ ଦାସଙ୍କୁ ପ୍ରାର୍ଥୀ କରିଛି । ଦୁଇ ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ବିଜେଡ଼ି ଆଜି ତାର ପ୍ରାର୍ଥୀଙ୍କ ନାଁ ଘୋଷଣା କରିବାର ମାତ୍ର କିଛି ଘଂଟା ନପୁରୁଣୁ ବାଲେଶ୍ୱରରେ ନିଷ୍ପତ୍ତିକୁ ବିରୋଧ କରି ଦଳୀୟ କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ବିଜେଡ଼ି ପ୍ରାର୍ଥୀ ସ୍ୱରୂପ କୁମାର ଦାସଙ୍କ ପ୍ରାର୍ଥୀତ୍ୱକୁ ଦଳୀୟ କର୍ମୀମାନେ ଖୋଲା ବିରୋଧ କରି ବିଜେଡ଼ି ସୁପ୍ରମୋ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ଚ୍ୟାଲେଂଜ କରିବା ସହ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି । ତେବେ ଭୁବନେଶ୍ୱର ଆସି ସ୍ୱରୂପଙ୍କ ଟିକେଟ ନେଇଥିବା ଖୋଦ୍ ରବୀନ୍ଦ୍ର ନେଇଥିବାବେଳେ ପ୍ରାୟ ଏକ ହଜାରରୁ ଅଧିକ ସଂଖ୍ୟକ ଦଳୀୟ କର୍ମୀଙ୍କୁ କିଏ ବାଲେଶ୍ୱର ଦଳୀୟ କାର୍ଯ୍ୟାଳୟ ନିକଟରେ ଏକଜୁଟ କରାଇଲା ତାକୁ ନେଇ ଦଳୀୟ ପ୍ରାର୍ଥୀତ୍ୱ ପ୍ରସଙ୍ଗରେ ବିଜେଡ଼ି ସୁପ୍ରିମୋ ନେଇଥିବା ନିଷ୍ପତ୍ତିକୁ ବିଜେଡ଼ି କର୍ମୀମାନେ ସିଧାସଳଖ ଖାରଜ କରିଛନ୍ତି, ଯାହାକି ବିଜେଡ଼ିର ତୀବ୍ର ଗୋଷ୍ଠୀକନ୍ଦଳକୁ ପଦାରେ ପକାଇଛି । ମିଳିଥିବା ସୂଚନା ଅନୁସାରେ, ଆଜି ଅପରାହ୍ନରେ ନବୀନ ନିବାସରେ ଦୁଇ ବିଧାନସଭା ଆସନ ପାଇଁ ବିଜେଡ଼ି ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଥିଲା । ବାଲେଶ୍ୱର ସଦର ଆସନ ପାଇଁ ସ୍ୱରୂପ କୁମାର ଦାସଙ୍କୁ ବିଜେଡ଼ି ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଥିଲା । ଶ୍ରୀ ଦାସଙ୍କ ଟିକେଟକୁ ବାଲେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ନିଜେ ଭୁବନେଶ୍ୱର ଆସି ନେଇଛନ୍ତି । ମାତ୍ର ସେ ଆଜି ବାଲେଶ୍ୱରରେ ପହଂଚିବା ପୂର୍ବରୁ ସଂଧ୍ୟାରେ ତାଙ୍କ ସମର୍ଥନରେ ବାଲେଶ୍ୱର ଦଳୀୟ ଅଫିସ ସମ୍ମୁଖରେ ପ୍ରାୟ ଏକ ହଜାରରୁ ଅଧିକ ବିଜେଡ଼ି କର୍ମୀ ଏକଜୁଟ୍ ହୋଇ ରବୀନ୍ଦ୍ର ଜେନାଙ୍କ ସପକ୍ଷରେ ସ୍ଲୋଗାନ ଦେବା ସହ ସ୍ୱରୂପଙ୍କୁ ପ୍ରାର୍ଥୀତ୍ୱକୁ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି । ନିର୍ବାଚନ ପୂର୍ବରୁ ବାଲେଶ୍ୱର ବିଜେଡ଼ିରେ ଏଭଳି ଅପ୍ରୀତିକର ପରିସ୍ଥିତି ଦଳୀୟ ସୁପ୍ରିମୋଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଅବଶ୍ୟ ସେଠାରେ ଉପସ୍ଥିତ ଥିବା ଦଳର ବରିଷ୍ଠ ନେତା ପ୍ରତାପ ଜେନା ଓ ପ୍ରତାପ ଦେବ ଦଳୀୟ କର୍ମୀଙ୍କୁ ବୁଝାସୁଝା କରିବାପାଇଁ ପ୍ରୟାସ ଜାରି ରଖିଛନ୍ତି । ମାତ୍ର ସେମାନେ ରବୀନ୍ଦ୍ର ଜେନା କିମ୍ବା ତାଙ୍କ ପତ୍ନୀଙ୍କୁ ପ୍ରାର୍ଥୀ କରିବା ଜିଦରେ ▶▶ପୃଷ୍ଠା ୭

## ପ୍ରଚାର ମୈଦାନକୁ ଓହ୍ଲାଇଲେ ବିଜେପି ପ୍ରାର୍ଥୀ ମାନସ ଦତ୍ତ



ବାଲେଶ୍ୱର,୧୨।୧୦ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ସ୍ୱର୍ଗତ ଦନ ମୋହନ ଦତ୍ତଙ୍କ ସୁପୁତ୍ର ମାନସ ଦତ୍ତ ଆଜି ନିଜର ପ୍ରଚାର କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି । ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଦତ୍ତ ପୁରୁଣା ବାଲେଶ୍ୱରସ୍ଥିତ ବାବା ବାଣେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ପ୍ରଚାର କାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା । ବାପାଙ୍କ ପଦାଙ୍କ ଅନୁସରଣ ପୂର୍ବକ ମହାଦେବଙ୍କ ଆଶିଷ ଭିକ୍ଷା କରି ସେ ପ୍ରଚାରକୁ ଓହ୍ଲାଇଥିବା ପ୍ରାର୍ଥୀ ମାନସ ସୂଚନା ଦେଇଛନ୍ତି । ଦୀର୍ଘଦିନ ଧରି ସେ ସଦର ନିର୍ବାଚନମଣ୍ଡଳୀ ଲୋକଙ୍କ ସମସ୍ୟା ସହ ଜଡ଼ିତ ଥିବା ବେଳେ ଏବେ ସେମାନଙ୍କ ନିକଟକୁ ଯାଇ ଆସନ୍ତା ନିର୍ବାଚନ ବାବଦରେ କହିବାକୁ ପଡ଼ିବ ବୋଲି ଶ୍ରୀ ଦତ୍ତ କହିଛନ୍ତି । ଶାସକ ଦଳ ଭଳି ଅର୍ଥବଳ କିମ୍ବା ଏକାଧିକ ବିଧାୟକ ଓ ମନ୍ତ୍ରୀ ତାଙ୍କ ପାଇଁ ପ୍ରଚାର କରିବାକୁ ଆସୁନଥିବା ବେଳେ ଦଳୀୟ କର୍ମକର୍ତ୍ତା, ସଦସ୍ୟଙ୍କୁ ନେଇ ଲୋକଙ୍କ ନିକଟକୁ ଯିବାକୁ ପଡୁଛି ବୋଲି ସେ ପ୍ରକାଶ କରିଛନ୍ତି । ତେବେ ଦଳ ପକ୍ଷରୁ ଗଠିତ ନିର୍ବାଚନ ପ୍ରଚାର କମିଟିର ନିଷ୍ପତି କ୍ରମେ ଏହି ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଥିବା ବିଜେପି ଜିଲ୍ଲା ସଭାପତି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ତୃଣମୂଳ ସ୍ତରକୁ ଯାଇ ଡୋର କ୍ୟାମ୍ପେନିଂ ଜରିଆରେ ଭୋଟରଙ୍କ ନିକଟରେ ପହଞ୍ଚିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି । ଏହି ପ୍ରଚାର କାର୍ଯ୍ୟ ଶୁଭାରମ୍ଭ ବେଳେ ବିଜେପି ସଦର ନିର୍ବାଚନମଣ୍ଡଳୀର ବହୁକର୍ମୀ ଉପସ୍ଥିତ ଥିଲେ ।

## ଉତ୍କ୍ଷେପଣର ୮ ମିନିଟ ପରେ ବାଟବଣା 'ନିର୍ଭୟ'



ବାଲେଶ୍ୱର,୧୨।୧୦ (ନି.ପ୍ର): ଭାରତର ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ନିର୍ଭୟ କ୍ରୁଜ ମିଶାଇଲ ଆଜି ପରୀକ୍ଷା ବେଳେ ଲକ୍ଷ୍ୟଭ୍ରଷ୍ଟ ହୋଇଛି । ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ପକ୍ଷରୁ ଭଦ୍ରକ ଜିଲା ଅବଦୁଲ କଲାମ ଦୀପ ଆଇଟିଆରର ୪ନମ୍ବର ଲଞ୍ଚ ପେଡ୍‌ରୁ ସକାଳ ୧୦.୩୦ ମନିଟ ସମୟରେ ଏହାକୁ ଉତ୍କ୍ଷେପଣ କରାଯାଇଥିଲା । ତେବେ ଉତକ୍ଷେପଣର ୮ ମିନିଟ ପରେ ଏହାର ବୈଷୟିକ ତ୍ରୁଟି ଦେଖା ଦେବାରୁ ଏହାକୁ ଆକାଶରେ ହିଁ ନଷ୍ଟ କରାଯାଇଛି । ନିର୍ଭୟର ଲକ୍ଷ୍ୟଭେଦ କ୍ଷମତା ୧୦୦୦ କିଲୋମିଟର ରହିଛି । ବିଗତ ୩୫ ଦିନ ଭିତରେ ନିର୍ଭୟ ହେଉଛି ଦଶମ କ୍ଷେପଣାସ୍ତ୍ର ପରୀକ୍ଷା । ଚାଇନାର ଯୁଦ୍ଧଖୋର ମନୋବୃତ୍ତିକୁ ଦେଖି ପ୍ରତି ଚାରି ଦିନରେ ଗୋଟିଏ ଲେଖାଏ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଉଛି । ନିର୍ଭୟ ହେଉଛି ସବ ସୋନିକ କ୍ଷେପଣାସ୍ତ୍ର, ଯାହା ୦.୭ ମାକ ଗତିରେ ଯାଇ ଲକ୍ଷ୍ୟଭେଦ କରିପାରେ । ଏହି ବ୍ୟବହାରିକ ପରୀକ୍ଷଣ ବିଫଳ ହେବା ବୈଜ୍ଞାନିକମାନଙ୍କ ମଧ୍ୟରେ ଚିନ୍ତା ଉଦ୍ରେକ କରିଥିଲା ବେଳେ ଖୁବ ଶୀଘ୍ର ଏହାର ପୁନଃ ପରୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି । ପ୍ରାୟ ୧୫୦୦ କିଲୋଗ୍ରାମ ଓଜନ ବିଶିଷ୍ଟ ନିର୍ଭୟର ଲମ୍ବ ୬ ମିଟର (୨୦ଫୁଟ), ମୋଟେଇ .୫୨ ମିଟର (୧.୭ ଫୁଟ) । ▶▶ପୃଷ୍ଠା ୭

### ବାଲେଶ୍ୱର ସଦର ଉପନିର୍ବାଚନ

## ବିଜେପିର ପ୍ରଚାର ମଙ୍ଗ ଧରିବେ ରଘୁନାଥ




ବାଲେଶ୍ୱର,୧୨।୧୦ (ନି.ପ୍ର): ବାଲେଶ୍ୱର ସଦର ଉପନିର୍ବାଚନ ପାଇଁ ବିଜେପିର ପ୍ରଚାର ମଙ୍ଗ ଧରିବେ ବରିଷ୍ଠ ନେତା ରଘୁନାଥ ମହାନ୍ତି । ତାଙ୍କୁ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ଘୋଷଣା କରିଛି ବିଜେପି । ୧୩ ଜଣିଆ ପ୍ରଚାର କମିଟିର ଅଧ୍ୟକ୍ଷ ଭାବେ ରଘୁନାଥଙ୍କୁ ଦାୟିତ୍ୱ ମିଳିଛି । ବାଲେଶ୍ୱର ସଦର ଉପନିର୍ବାଚନରେ କେମିତି ପ୍ରଚାର ହେବ, କିଏ କିଏ ପ୍ରଚାର କରିବେ ଏବଂ ଲୋକଙ୍କଠାରୁ କେଉଁ ପ୍ରସଙ୍ଗ ନେଇ ଭୋଟ ମଗାଯିବ ତା'ର ପୁରା ଦାୟିତ୍ୱ ▶▶ପୃଷ୍ଠା ୭

## ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର କରୋନା ସଂକ୍ରମିତ

ଶିମଲା,୧୨।୧୦ (ନି.ପ୍ର): ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର କରୋନା ସଂକ୍ରମିତ ହୋଇଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ତାଙ୍କର ରିପୋର୍ଟ ପଜିଟିଭ ଆସିଛି ଓ ସେ ଘରେ ଆଇସୋଲେସନରେ ଅଛନ୍ତି ବୋଲି ସୂଚନା ଦେଇଛନ୍ତି ।

## ପୂର୍ବତନ ବାଚସ୍ପତି ଶରତ କରଙ୍କ ପରଲୋକ



ଭୁବନେଶ୍ୱର,୧୨।୧୦ (ନି.ପ୍ର): ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି, ସୁସାହିତ୍ୟିକ ତଥା ସ୍ତମ୍ଭକାର ଶରତ କୁମାର କରଙ୍କର ସୋମବାର ଦିନ ୩ ଟା ୨୦ରେ ୮୧ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇ ଯାଇଛି । ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ । ଶ୍ରୀ କରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଜ୍ୟ ତଥା ମାହାଙ୍ଗା ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତ କର ୧୯୩୯ ମସିହା ସେପ୍ଟେମ୍ବର ୫ ତାରିଖରେ କଟକ ଜିଲ୍ଲାର ଚାଇଁପାଳର ଅଡମ ମହେଶପୁର ଗାଁରେ ଜନ୍ମ ଗ୍ରହଣ କରିଥିଲେ । ▶▶ପୃଷ୍ଠା ୭

# ଗଭୀର ଅବପାତରେ ପରିଣତ ହେଲା ଲଘୁଚାପ : ୨ ଦିନ ପ୍ରବଳ ବର୍ଷିବ



ଭୁବନେଶ୍ୱର,୧୨।୧୦ (ନି.ପ୍ର): ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ କେନ୍ଦ୍ରୀଭୂତ ଅବପାତ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଛି । ଏହା ଗତ ୬ଘଂଟାରେ ପଶ୍ଚିମ-ଉତର- ପଶ୍ଚିମ ଦିଗରେ ଘଂଟା ପ୍ରତି ୬କିମି ବେଗରେ ଗତିକରୁଛି । ଏହା ଦକ୍ଷିଣପୂର୍ବ ଦିଗରେ ବିଶାଖାପାଟନମ ଠାରୁ ୨୫୦କିମି ଦୂରରେ ସକ୍ରିୟ ରହିଛି । ଆଗାମୀ ୧୨ ଘଂଟା ମଧ୍ୟରେ ଏହା ଏକ ଗଭୀର ଅବପାତରେ ପରିଣତ ହେବା ସହ ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି । ଆସନ୍ତାକାଲି ମଙ୍ଗଳବାର ସକାଳ ସୁଦ୍ଧା କାକିନାଡା ଦେଇ ସ୍ଥଳ ଭାଗ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ, ରାୟଗଡା, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ନବରଙ୍ଗପୁର, କନ୍ଧମାଳ, ପୁରୀ ଏବଂ ଖୋର୍ଧା ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୪ ତାରିଖ ମଧ୍ୟାହ୍ନ ସୁଦ୍ଧା ଦକ୍ଷିଣ ଓଡ଼ିଶା, ଉତର ଉପକୂଳ ଓଡିଶା ଏବଂ ଉତର ଆଭ୍ୟନ୍ତରୀଣ ଓଡିଶାର କିଛି ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି । ଏହି ସମୟ ମଧ୍ୟରେ ମାଲକାନଗିରି, ରାୟଗଡା, କୋରାପୁଟ, ନବରଙ୍ଗପୁର, ଗଜପତି ଗଞ୍ଜାମ, ▶▶ପୃଷ୍ଠା ୭

## ଏବେ ପୁଲିସ କମିସନରଙ୍କ ନାଁରେ ଫେକ୍ ଫେସବୁକ୍ ଆକାଉଂଟ ବନାଇଲେ ଡିଜିଟାଲ ଠକ



ଭୁବନେଶ୍ୱର,୧୨।୧୦ (ନି.ପ୍ର): ଶନିବାର ଦିନ ଆଇପିଏସ୍ ଅଧିକାରୀ ଅନୁପ ସାହୁଙ୍କ ଫେକ୍ ଫେସବୁକ ଆକାଉଂଟ ତିଆରି ହୋଇଥିବା ଖବର ସାମ୍ନାକୁ ଆସିବା ପରେ ଆଜି ପୁଲିସ କମିସନରଙ୍କ ନାଁରେ ଫେକ୍ ଫେସବୁକ ଆକାଉଂଟ ଖୋଲି ଡିଜିଟାଲ ଠକ ଲୋକଙ୍କୁ ଟଙ୍କା ମାଗୁଥିବା ଖବର ସାମନାକୁ ଆସିଛି । ତେବେ ଏନେଇ ପୁଲିସ କମିସନର ସୁଧାଂଶୁ ଷଡଙ୍ଗୀ ଅବଗତ ହେବା ପରେ ସେ ଲୋକଙ୍କୁ ସଚେତନ କରାଇଛନ୍ତି । କେହି ଜଣେ ତାଙ୍କ ନାଁରେ ଫେକ୍ ଫେସବୁକ୍ ଆକାଉଂଟ ଖୋଲି ଠକେଇ କରିବା ପାଇଁ ଉଦ୍ୟମ କରୁଥିବା କଥା ସେ ଜଣାଇଛନ୍ତି । ।

# ରାଜ୍ୟରେ ଆଉ ୧୮ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୦୪୦

ଭୁବନେଶ୍ୱର,୧୨।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୮ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୪୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ କଟକ ଜିଲ୍ଲାର ୪, ଖୋର୍ଧା ଓ ବାଲେଶ୍ୱର ଜିଲ୍ଲାର ୩-୩ ଜଣ ଅଛନ୍ତି । ସେହିପରି ଯାଜପୁର ଓ ସୁନ୍ଦରଗଡ ଜିଲ୍ଲାର ୨-୨ ଜଣ ତଥା ଜଗତସିଂହପୁର, ମୟୂରଭଂଜ, ନବରଂଗପୁର ଓ ପୁରୀ ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ଜଣେ ୬୪ ବର୍ଷୀୟ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱରର ଜଣେ ୭୨ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । କଟକ ଜିଲ୍ଲାର ୫୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୬୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୫୩ ବର୍ଷୀୟ କୋରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । କଟକ ଜିଲ୍ଲାରେ ଜଣେ ୬୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଜଗତସିଂହପୁର ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଯାଜପୁର ଜିଲ୍ଲାର ▶▶ପୃଷ୍ଠା ୭

## ଶରତ କୁମାର କରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର,୧୨।୧୦ (ନି.ପ୍ର): ବରିଷ୍ଠ ରାଜନେତା ତଥା ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଶରତ କୁମାର କରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ୍ କରି କହିଛନ୍ତି ଯେ ବରିଷ୍ଠ ରାଜନେତା ତଥା ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି, ପ୍ରଖର ବାଗ୍ମୀ ଓ ସାହିତ୍ୟିକ ଶରତ କୁମାର କରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ତାଙ୍କ ବିୟୋଗରେ ରାଜ୍ୟ ରାଜନୀତି ଓ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଛି । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

# ବିନା ସୂଚନା ଫଳକରେ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ନୂଆପଡା,୧୨।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସଦର ପ ।ୟତ ଜଗନ୍ନାଥ ଛକ ନିକଟ ଘୋଡାପଡା ଗଲି ରାସ୍ତା କଂକ୍ରିଟ କରଣ କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ, କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଦେବାର ସରକାରୀ ବ୍ୟବସ୍ଥା ରହିଅଛି। ଉକ୍ତ ଫଳକରେ ସେହି କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବା କଥା । କିନ୍ତୁ ଏଠାରେ ବିଭାଗୀୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ। ଯାହାଫଳରେ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ କୌଣଷି ସୂଚନା ଜାଣିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କେତେ ଦୂରତା ପର୍ଯ୍ୟନ୍ତ ନିର୍ମାଣ ହେବ, ତାହା ଜାଣି ପାରୁ ନାହାନ୍ତି। କେଉଁ ଉଦ୍ଦେଶ୍ୟରେ ଏଭଳି ସରକାରୀ ବ୍ୟବସ୍ଥାକୁ ଅବମାନନା କରାଯାଉଛି, ସେନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ଠିକାଦାର ପୋଷାନୀତିରେ ଚାଲିଛି ବୋଲି ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ନେଇ ପଡାବାସୀ ଅଭିଯୋଗ କରିବାରୁ ସଂପୃକ୍ତ ଠିକାଦାର ପଡାବାସୀଙ୍କ ଉପରେ ଅସନ୍ତୋଷ ଥିବା ସେମାନେ ପ୍ରକାଶ କରନ୍ତି। ଏ ନେଇ ପଡାବାସୀ ସିନାପାଲି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଉଦ୍ଧବ ମେହେର, କ୍ଷମାନିଧି ମେହେର, ଲିଙ୍ଗରାଜ ମେହେର, ସୂର୍ଯ୍ୟକାନ୍ତୀ ମେହେର, ନିର ମେହେର, ବାସନ୍ତୀ ମେହେର, ପରମେଶ୍ୱର ମେହେର, ସନ୍ତୋଷ ମେହେର, ରଞ୍ଜନ ମେହେର, ନିରାଶ ମେହେର, ବିଲାଶ ମେହେର, ଭୋକରଧନ ମେହେର ପ୍ରମୁଖ ଦାବି କରିଛନ୍ତି। ଏସଂକ୍ରାନ୍ତରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ହୋଇଛି, ତାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।

## କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କାର୍ଯ୍ୟାନୁଷ୍ଠାନ

### ୧୫ ହଜାର ୩୦୦ ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡି,୧୨।୧୦ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଘଂନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଅକ୍ଟୋବର ୧୦ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୧୫ ହଜାର ୩୦୦ ଟଙ୍କା ଆଦାୟ କରାଯାଇଛି । ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ମାସ୍କ ପିନ୍ଧି ନଥିବା ଲୋକଙ୍କ ଠାରୁ ପାରାଖେମୁଣ୍ଡି ଆଦର୍ଶ ଥାନା ୧୪୦୦ ଟଙ୍କା, ରାୟଗଡ଼ ଥାନା ୮୦୦ ଟଙ୍କା, କାଶୀନଗର ଥାନା ୨୦୦୦ ଟଙ୍କା, ଗୁରାଣ୍ଡି ଥାନା ୧୨୦୦ ଟଙ୍କା, ଆର୍. ଉଦୟଗିରି ଥାନା ୫୫୦୦ ଟଙ୍କା, ସେରଙ୍ଗ ଥାନା ୧୪୦୦ ଏବଂ ଅଡ଼ବା ଥାନା ପକ୍ଷରୁ ଜୋରିମାନା ବାବଦକୁ ୩୦୦୦ ଟଙ୍କା ଆଦାୟ କରାଯାଇଛି ।

## କରୋନା ଟେଷ୍ଟ କଲେନି, ଭ୍ରାମ୍ୟମାଣ ସ୍ୱାବ ସଂଗ୍ରହ ଦଳ ଫେରି ଆସିଲେ

ନୂଆପଡା,୧୨।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଲାଞ୍ଜି ଗ୍ରାମରେ ଭ୍ରାମ୍ୟମାଣ ସ୍ୱାବ ସଂଗ୍ରହ ଦଳ କରୋନା ସ୍ୱାବ ସଂଗ୍ରହ ପାଇଁ ପହଂଚିଥିଲେ । ଗତକାଲି ଗ୍ରାମର ଜଣେ ବ୍ୟକ୍ତି ଜ୍ୱରରେ ପୀଡିତ ଥିବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିଲେ । ତାଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ସ୍ୱାବ ସଂଗ୍ରହକାରୀ ଦଳ ପହଂଚି ଲୋକଙ୍କୁ ସ୍ୱାବ ଦେବାକୁ ଅନୁରୋଧ କରିଥିଲେ । ସେମାନେ ଗ୍ରାମସାରା ବୁଲିଥିଲେ, କିନ୍ତୁ କେହିବି ପରୀକ୍ଷା କରିବାକୁ ଆସିନଥିଲେ । କୌଣସି ଲକ୍ଷଣ ବିନା କାହିଁକି ଟେଷ୍ଟ କରିବୁ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ । ଶେଷରେ ଭ୍ରାମ୍ୟମାଣ ସ୍ୱାବ ସଂଗ୍ରହକାରୀ ଦଳ ଫେରି ଆସିଥିଲେ ।

## ବେଆଇନ ଜଳ ଯୋଗାଣକୁ ଗ୍ରାମବାସୀଙ୍କ ବିରୋଧ, ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୧୨।୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଗୁଲନଗର ଫଂଚାୟତ ର ରାମନଗର ପାଟଣା ଓ ରାମଚନ୍ଦ୍ରପୁର ଗ୍ରାମର ବାସିନ୍ଦା ମାନେ ଅନ୍ୟ ଫଂଚାୟତକୁ ପାଇପ ଜଳ ଯୋଗାଣକୁ ବିରୋଧ କରି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଏହି ଦୁଇ ଗାଁ ପାଇଁ ରାମଚନ୍ଦ୍ରପୁର ଠାରେ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ଗୁଲନଗର ସରଫଂଚ ଅନିୟମିତତା କରି ଏହି ପ୍ରକଳ୍ପ ରୁ ପାଇପ ଯୋଗେ ବାରିମୂଳ ଫଂଚାୟତର ଗ୍ରାମକୁ ଜଳ ଯୋଗାଇ ଦେଇଥିବାରୁ ଏହାକୁ ଗ୍ରାମର ସୁଶାନ୍ତ କୁମାର ଦାସ, ଜିତେନ୍ଦ୍ର କୁମାର ସାହୁ,ବଟକୃଷ୍ଣ ନାୟକ, ଦିଲିପ କୁମାର ସାହୁ, ପହଲ୍ଲାଦ ମଲିକ, ହରେକୃଷ୍ଣ ମହାରଣା ପ୍ରମୁଖ ଅଭିଯୋଗ କରିଛନ୍ତି ।

## ବାପା -ମା ଥାଇ ବି ଅନାଥ ବାସୁଦେବ

ମାଲକାନଗିରି,୧୨।୧୦ (ନି.ପ୍ର): ନିଜ ଜନ୍ମ କଲା ପୁଅ କଥା ଭାବିଲେନି ନିଷ୍ଠୁର ବାପା ମା। ସମ୍ପର୍କ ର ଚରମ ସୀମା ରେ ପହଁଚିଲା ସ୍ୱାର୍ଥପରତା ।ବାପା ମା ଅଲଗା ଅଲଗା ହୋଇ ଅନ୍ୟତ୍ର ବିବାହ କଲେ ଆଉ ମଝିରେ ବଳି ପଡିଲା ଏହି ୯ ବର୍ଷ ର ଛୁଆ ବାସୁଦେବ। ନିଷ୍ଠୁର ବାପା ମା ଅନ୍ୟତ୍ର ପୁଅ କୁ ବିକ୍ରି କରି ବିବାହ କଲେ ହେଲେ ଏଠାରେ ଯନ୍ତ୍ରଣା ରେ ଆଉଟୁ ପାଉଟୁ ହେଉଛି ବାସୁଦେବ ।ଏବେ ବାପା ମା ଥାଇ ମଧ୍ୟ ଅନାଥ ହୋଇଯାଇଛି ଏହି କୁନି ନାବାଳକ ।‘ମୁ ଆଉ ସେଠି ରହିବିନି । ମୁଁ ଆଉ ସେ ଯନ୍ତ୍ରଣା ସହିବିନି ।ମୋ ବାପା ଏଠି ମତେ ବିକିଦେଲେ। ମୋତେ ଏମାନେ ଗାଈ ଚରାଇବାକୁ ପଠାଉଛନ୍ତି ।ଗାଈ ନଚରାଇଲେ ଖାଇବାକୁ ଦେଉନାହାନ୍ତି ।‘ଏଭଳି ଚିତ୍କାର କରି କହୁଛି ଏହି ୯ ବର୍ଷ ର ନାବାଳକ ବାସୁଦେବଭୁମିଆ । ବାସୁଦେବ ର ଘର ମାଥିଲି ବ୍ଲକ କିଆଙ୍ଗ ଫଂଚାୟତ ର ତେଲଗାବେଚା ରେ। ବାସୁଦେବ ର ବାପା ମା ଅଲଗା ହୋଇ ଦୁହେଁ ପରସ୍ପର ଅନ୍ୟତ୍ର ବିବାହ କରିଦେଲେ ଆଉ ଏହି ନାବାଳକ କୁ ବିକିଦେଲେ ଅନ୍ୟ ଘରେ ।ଏବେ ସେ ଘର ଲୋକ ବାସୁଦେବ କୁ କାମ କରାଉଛନ୍ତି ଗାଈ ଚରାଇବାକୁ କହୁଛନ୍ତି । କରିବାକୁ ମନା କଲେ ମାରପିଟ କରୁଛନ୍ତି ଏଭଳି ଅମାନବିକ କାଣ୍ଡ କରି ଏବେ ସା ହାରା ଖୋଜି ଖୋଜି ପଙ୍ଗାମ ନିକଟସ୍ଥ ସଲପପଦର ଗାଁ ର ଏକ ଅଙ୍ଗନବାଡ଼ି କେନ୍ଦ୍ର ରେ ଆସି ରହିବାକୁ ଲାଗିଲା ୩ ଦିନ ଯାଏଁ ଅଙ୍ଗନ ବାଡ଼ି କେନ୍ଦ୍ର ରେ ରହିବା ଦେଖି ସେହି ଗାଁ ର ଅଙ୍ଗନବାଡ଼ି କର୍ମୀ ଜୟନ୍ତୀ ଖରା ତାଙ୍କୁ ନିଜ ଘରକୁ ଆଣି ଖାଇବା ପିଇବା ଦେଉଛନ୍ତି ଆଉ ଏହି ବାସୁଦେବ ର ସହାରା ପାଲଟିଛନ୍ତି ।ପରବର୍ତୀ ସମୟରେ ଯେଉଁ ଲୋକଙ୍କ ଘରେ ଏହି ବାସୁଦେବ କୁ ତା ବାପା ଛାଡିଥିଲେ ସେ ଘର ଲୋକଙ୍କୁ ପଚାରିବାରୁ ସେ କହିଲେ କି ଆ ବାପା ମା ଅନ୍ୟତ୍ର ବିବାହ କରିବାରୁ ଆକୁ ଆମ ଘରେ ଛାଡ଼ିଦେଇଥିଲେ ।ଆଉତାକୁ ଗାଈ ଚରାଇବାକୁ ଆମେ ପଠାଉଥିବା ସ୍ୱୀକାର ମଧ୍ୟ କରିଛନ୍ତି ।


## ଟିଂକାବାଲି ଠାରେ ଯୁବକ ସଂଘ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

କନ୍ଧମାଳ,୧୨।୧୦ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ଟିଂକାବାଲି ଠାରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଟିଂକାବାଲି ଅଂଚଳର ୟୁଥ୍ ୱାରିଅର ଯୁବକ ସଂଘ ପକ୍ଷରୁ ଏକ ସ୍ୱଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ଦିଗାଲ,ସରପଂଚ ଶ୍ରୀମତୀ ରଶ୍ମିତା କହଁରଙ୍କ ନେତୃତ୍ୱରେ ଶିକ୍ଷକ ଅରବିନ୍ଦ ମହାପାତ୍ର, ଜୀତେନ୍ଦ୍ର ବୁର୍ଗୀ, ଦେବାଶିସ ସାନ୍ତରାୟ, ଦିଲ୍ଲିପ ସାହୁ, କୁନ୍ଦୁରୁ ମଲ୍ଲିକ, ସୁବଳ ଦିଗାଲ, ହେମନ୍ତ ଦିଗାଲ,ସରୋଜ ମହାରଣା, ଗୋବିନ୍ଦ ନାୟକ, ଦୀପ୍ତୀରଞ୍ଜନ ଦଳବେହେରା, ଅରୁଣ ପାଣ୍ଡେ, ଧିରଜ ନାୟକ, ଅନୁପ ଭୋଇ, ଅମିତ ଭୋଇଙ୍କ ସମେତ ଅଂଚଳର ଅନେକ ଯୁବକ ମାନେ ମିଶି ସମଗ୍ର ମେଡିକାଲ ଛକ ଅଂଚଳକୁ ସଫା କରିଥିଲେ । ସେମାନଙ୍କର ଏହି କାର୍ଯ୍ୟରେ ଅଂଚଳବାସୀ ସେମାନଙ୍କୁ ସହାୟତା କରିବା ସହିତ ସେମାନଙ୍କୁ ସାଧୁବାଦ ଦେଇଛନ୍ତି । ତେବେ ଦିର୍ଘ ଦିନ ହେଲା ସେଠାରେ ଥିବା ସମସ୍ତ ଆବର୍ଜନା ପୁର୍ଣ୍ଣ ହୋଇଥିବାରୁ ସେହି ଗୁଡିକ ସଫା କରିବାପରେ ପରିବେଷ ସଫାସୁତୁରା ହେବାରୁ ନିକରେ ଥିବା ଡାକ୍ତରଖାନାକୁ ଆସୁଥିବା ଲୋକ ମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି । କରୋନା ସଂକ୍ରମଣ କାଳରେ ସଫାସୁତୁରା ରହିବାକୁ ସରକାରଙ୍କ ଦ୍ୱାରା ପରାମର୍ଶ ଦିଆ ଯାଉଛି । ସେଥିପାଇଁ ଯୁବ ଗୋଷ୍ଠୀ ଓ ଅଂଚଳର ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କର ଏହି ପ୍ରଚେଷ୍ଟାକୁ ଅଂଚଳରେ ପ୍ରଶଂସା କରାଯାାଇଛି ।

## ପୁରୀ ବେଳାଭୂମିକୁ ମିଳିଲା ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା

ପୁରୀ,୧୨।୧୦ (ନି.ପ୍ର): ପୁରୀ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା ପ୍ରଦାନ କରିଛି ଅନ୍ତର୍ଜାତୀୟ ସଂସ୍ଥା । ଡ଼େନମାର୍କର ଏକ ସଂସ୍ଥା ପକ୍ଷରୁ ଏହି ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା ପ୍ରଦାନ କରାଯାଇଛି । ଦିଗବାରିଣୀ ଖୁଂଟି ଠାରୁ ମେ ଫେୟାର ହୋଟେଲ ବେଳାଭୂମି ପର୍ଯ୍ୟନ୍ତ ୮୬୦ ମିଟର ପରିବ୍ୟାପ୍ତ ଅଂଚଳକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ।

## ଆଧ୍ୟାତ୍ମିବାଦୀ ବଳରାମ ସେନାପତିଙ୍କ ୮୮ ବର୍ଷ ବୟସରେ ପରଲୋକ



ଗୁଣୁପୁର,୧୨।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହରର ତଥା ଜିଲ୍ଲା ଶୁଣ୍ଡି ସମାଜର ଉପସଭାପତି ଓ ଗୁଣପୁର ଶୁଣ୍ଡି ସମାଜର ସଭାପତି ବଳରାମ ସେନାପତିଙ୍କ ୮୮ବର୍ଷ ବୟସରେ ଆଜି ରବିବାର ସକାଳୁ ଗୁଣୁପୁର ସହରର କତାପେଟାସ୍ଥ ନିଜ ବାସଭବନ ରେ ଇହଲୀଳା ସମ୍ବରଣ କରିଛନ୍ତି । ସେ କିଛି ଦିନ ହେଲା ଅସୁସ୍ଥ ଥିଲେ । ସେ ଦିବ୍ୟ ଜୀବନ ସଂଘ ଗୁଣୁପୁର ଶାଖାର ଜଣେ ଦକ୍ଷ କାର୍ଯ୍ୟକାରୀ ଓ ସ୍ଥାୟି ସଭ୍ୟ ଥିଲେ । ବିଶ୍ୱହିନ୍ଦୁ ପରିଷଦର ସଭାପତି, ଅନେକ ଧାର୍ମିକ ଅନୁଷ୍ଠାନର ସକ୍ରିୟ କାର୍ଯ୍ୟ କାରିଣୀ ସଦସ୍ୟ ମ୍ଭ ଥିଲେ । ପ୍ରତ୍ୟେକ ବର୍ଷ କାର୍ତ୍ତିକ ଭଳି ଧର୍ମ ମାସ ମାନଙ୍କରେ ଆଡମ୍ବର ସହକାରେ ନାମ ଯଜ୍ଞ ଓ ଅନ୍ନ ଯଜ୍ଞ ଭଳି ବହୁ ଆତ୍ମିକ କାର୍ଯ୍ୟରେ ସାମିଲ୍ ହୋଇ ସମାଜରେ ଏକ ଆତ୍ମିକ ବାତାବରଣ ସୃଷ୍ଟି କରିବାରେ ପ୍ରମୁଖ ଥିଲେ । ଅଞ୍ଚଳର ବହୁ ବୃଦ୍ଧ ଓ ବୃଦ୍ଧାଙ୍କୁ ନିଜେ ସାଥିରେ ନେଇ ତୀର୍ଥ ଭ୍ରମଣ କରାଇଛନ୍ତି । ତାଙ୍କ ବିୟୋଗରେ ଗୁଣୁପୁର ସହରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଂଘ ତର‘ରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି । ଗାନ୍ଧି ବିଶ୍ୱବିଦ୍ୟାଳୟ ର ସଭାପତି ଡଃ ସତ୍ୟ ପ୍ରକାଶ ପଣ୍ଡା ପୁ ଗୁଚ୍ଛ ଦେଇ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଥିଲେ ।

## ଧାମରା ରେ ଧାନରୁ ପୋକମରା ବିଷ ବଦଳରେ ଘାସମରା ବିଷ ପକାଇ ୨ ଏକର ଧାନ ପୋଡିଗଲା, ଦୋକାନୀ କ୍ଷତିପୂରଣ ଦେବାକୁ ଦାବୀ

ଭଦ୍ରକ, ୧୨/୧୦ (ହି.ସ.) - ଧାମରା ରେ ଦିନକୁ ଦିନ ଲାଇସେନ୍ସ ନଥିବା ସାର ଏବଂ କୀଟନାଷକ ଔଷଧ ଦୋକାନୀଙ୍କ ପ୍ରାର୍ଦୁଭାବ ବଢିବାରେ ଲାଗିଛି । ଏହାର ଫଳ ସ୍ୱରୂପ ଠିକ ଭାବରେ କୌଣସି କୀଟନାଷକ ଜଣା ନଥିବା କୀଟନାଷକ ଔଷଧ ଦୋକାନୀ ଆନୁମାନିକ ଷାସ ମରା ଔଷଧ ସିଂଚନ କରିବାକୁ ଦେଇ ୨ଏକର ଧାନ ଜମିକୁ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଧାମରା ନିକଟସ୍ତ ପାଇକସାହି ଗ୍ରାମର ମଢିଆ ଦାସ ନିଜର ଚାଷ ଜମି ନଥିବା ବେଳେ ଦୟାନିଧି ଦାସଙ୍କ ଠାରୁ ୨ଏକର ଚାଷ ଜମି ଭାଗରେ ଆଣି ଚାଷ କରିଥିଲେ। ଗତ ବୁଧବାର ଦିନ ଧାନରେ ଜଉଆ ପୋକ ଲାଗିଥିବା ବେଳେ ସେ ଧାମରା ବଜାରରରେ ଥିବା ସାର ଏବଂକୀଟନାଷକ ଔଷଧ ଦୋକାନ କରିଥିବା ଜଗନ୍ନାଥ ଦାସଙ୍କୁ ଏଥିପାଇଁ ଔଷଧ ଦେବାକୁ କହିଥିଲେ। କୀଟନାଷକ ଔଷଧ ବିକ୍ରିରେ କୌଣସି ଅଭିଜ୍ଞତା ନଥିବା ଜଗନ୍ନାଥ ତାଙ୍କୁ ପୋକମରା ବିଷ ବଦଳରେ ଘାସମରା ବିଷ ଦେଇ ଖରା ସମୟରେ ଏହି ଔଷଧ ସିଂଚନ କରିବା ପାଇଁ କହିଥିଲେ। ଗୁରବାର ଦିନ ମଢିଆ ଦାସ ଦ୍ୱିପ୍ରହର ସମୟରେ ଏହି ଔଷଧ ନେଇ ନିଜର ୨ଏକର ଚାଷ ଜମିରେ ସିଂଚନ କରିଦେଇଥିଲେ। ଔଷଧ ସିଂଚନର ୨ଘଂଟା ପରେ ଧାନ ଗଛ ଗୁଡିକ ଝାଉଁଳିବା ଆରମ୍ଭ କରିବା ସହ ଶୁକ୍ରବାର ଦିନ ୨ଏକର ଚାଷ ଜମି ସଂପୂର୍ଣ୍ଣ ପୋଡି ଯାଇଥିଲା। ଅନ୍ୟ ଉପାୟ ନପାଇ ଗରିବ ଖଟିଖିଆ ମଢିଆ ଦାସ କୀଟନାଷକ ଔଷଧ ଦୋକାନୀ ଜଗନ୍ନାଥ ଦାସକୁ ଭେଟି ୩୦ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଦାବୀ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏହି କଥାର କୌଣସି ଆଶୁ ସମାଧାନ ହୋଇ ନଥିବା ବେଳେ ଚାଷୀ ମଢିଆ ଦାସ ମେରାଇନ ଥାନାର ଦ୍ୱାରସ୍ଥ ହୋଇ ଥିବା ଜଣାଯାଇଛି।

## ଗଞ୍ଜାମ ପୋଲିସର କାର୍ଯ୍ୟାନୁଷ୍ଠାନ : ୩୨ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ

### ୧୩ ହଜାର ୨୦୦ ଟଙ୍କା ଜବତ, ୪ ଜୁଆଡ଼ି ଗିରଫ : ପୃଥକ୍ ସ୍ଥାନରୁ ୨୭୭.୬ ଲିଟର ମଦ : ୩ ଗିରଫ

ଗଞ୍ଜାମ,୧୨।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ୧୦ ତାରିଖ ସକାଳ ଠାରୁ ୧୧ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଘଂନକାରୀ, ବେପରୁଆ ଗାଡି ଚାଳକ, ଜୁଆ ଆଡ୍ଡା ଓ ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଘଂନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୨୧ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି କୋଭିଡ୍ କଟକଣା ଭଙ୍ଗ ତଥା ମୁହଁରେ ମାସ୍କ ପିନ୍ଧିନଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ୧୧ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏହିପରି ଜୋରିମାନା ବାବଦକୁ ମୋଟ୍ ୩୨ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି । ଅନୁରୂପ ଭାବେ ଗୋଟିଏ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇ ମୋଟ୍ ୧୩ ହଜାର ୨୦୦ ଟଙ୍କା ଜବତ କରାଯିବା ସହ ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି । ଏହା ବ୍ୟତୀତ ୯ଟି ଅବକାରୀ ମାମଲା ରୁଜୁ କରାଯିବା ସହ ସେମାନଙ୍କ ନିକଟରୁ ୨୭୭.୬ ଲିଟର ମଦ ଜବତ କରିଛି । ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ।

## ପ୍ରଶାସନର କୋଭିଡ଼-୧୯ ମାର୍ଗଦର୍ଶୀକା ତେଲିଆ ମୁଣ୍ଡରେ ତେଲରେ ପରିଣତ ହୋଇଛି

ବାରିପଦା,୧୨।୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କରୋନା ମହାମାରୀର ଗ୍ରାଫ ଉପର ମୁହାଁ ହୋଇଛି । ଜିଲ୍ଲାରେ କରୋନା ପରୀକ୍ଷା ହ୍ରାସ ପାଇଥିବା କାରଣରୁ ନୂଆ ପଜିଟିଭ ଚିହ୍ନଟ ସଂଖ୍ୟା ମଧ୍ୟ ସେହି ଅନୁପାତରେ ହ୍ରାସ ପାଇବା ସ୍ୱଭାବିକ । ମୟୂରଭଞ୍ଜ ଜିଲ୍ଲାରେ ଆକ୍ରାନ୍ତ, ସୁସ୍ଥ ଓ ମୃତ ସଂଖ୍ୟାକୁ ନେଇ ଜିଲ୍ଲା ପ୍ରଶାସନ କୌଣସି ତଥ୍ୟ ପ୍ରଦାନ କରୁନଥିବା ସମୟରେ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ ଜିଲ୍ଲାରୁ ବର୍ତମାନ ପର୍ଯ୍ୟନ୍ତ ମୋଟ ୩୩ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଥିବା ବେଳେ ବେସରକାରୀ ଭାବେ ସଂଖ୍ୟା ବହୁ ଅଧିକ ବୋଲି ଜନସାଧାରଣରେ ହେଉଥିବା ଆଲୋଚନାରୁ ଜଣାପଡ଼ିଛି। ତେବେ କରୋନାରେ ମୃତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଲେଖାଏଁ ପୁଲିସ ବିଭାଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଡ଼ାକ୍ତର, ଫାର୍ମାସିଷ୍ଟ, ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ, ଗ୍ରାମସେବକ ଓ ଶିକ୍ଷକ ଆଦି କରୋନା ଯୁଦ୍ଧା ରହିଛନ୍ତି । ସେହିପରି ଜିଲ୍ଲାରେ ଆକ୍ରାନ୍ତ ସଂଖ୍ୟା ୯ ହଜାର ୪୦୯ରେ ପହଁଚି ସାରିଛି । ଗତ ସେପ୍ଟେମ୍ବର ମାସରେ ଆକ୍ରାନ୍ତ ସଂଖ୍ୟା ଲଗାମ ଛଡ଼ା ଭାବେ ବୃଦ୍ଧି ପାଇଥିବା ବେଳେ ଅକ୍ଟୋବରରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜାରି କରାଯାଉଥିବା ରିପୋର୍ଟରେ ପୂର୍ବ ତୁଳନାରେ ସାମାନ୍ୟ ହ୍ରାସ ଘଟିଥିବାର ପରିଲକ୍ଷିତ ହୋଇଛି । ବାରିପଦା ସହରରେ କରୋନା ପରିସ୍ଥିତି ଅଣାୟତ ଅବସ୍ଥାକୁ ଗତି କରିଥିବାର ଅନୁଭବ କରି ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୭ ଦିନିଆ ଦୋକାନ ବଜାର ବନ୍ଦ ଡ଼ାକରା ଦିଆଯାଇଥିଲା । ସେହିପରି କୋଭୋଡ଼-୧୯ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ମାଗଦର୍ଶୀକା ଜାରି କରାଯାଇ ଉଲ୍ଲଘଂନକାରୀମାନଙ୍କ ନିକଟରୁ ଜୋରିମାନା ଆଦାାନ ଧୋକାନଠାରୁ ଆରମ୍ଭ କରି ବିଭିନ୍ନ ଦୋକାନକୁ ସିଲ କରାଯାଉଛି । ଏହି ସମୟରେ ବାରିପଦା ପିଆରଏମ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଥିବା ଭାରତ ମେଡ଼ିକାଲ ହଲରେ କୋଭିଡ଼-୧୯ ମାଗଦର୍ଶୀକାକୁ ଖୋଲମଖୋଲା ଉଲ୍ଲଘଂନ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ଏଦିଗରେ ଆଖିରେ ଅନ୍ଧପୁଟଳି ବାନ୍ଧି କିଛି ନ ଦେଖି ପାରିବାର ଅଭିନୟ କରିଚାଲିଥିବା ବିଷୟକୁ ନେଇ ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ଭାରତ ମେଡ଼ିକାଲ ମେଡ଼ିକାଲ କଲେଜ ଓ ହସପିଟାଲର ସମ୍ମୁଖରେ ହୋଇଥିବା ବେଳେ ଏଠାରେ ମେଡ଼ିକାଲ କଲେଜର କେତେକ ଡ଼ାକ୍ତର ଓ ବାହାର ଜିଲ୍ଲାରୁ କେତେକ ଡ଼ାକ୍ତର ଆସି ରୋଗୀ ସେବା ଚଳାଇଥାନ୍ତି । ଫଳରେ ବ୍ୟବସାୟରେ ଅଧିକ ଲାଭ ଆଶାରେ ମେଡ଼ିକାଲ କର୍ତୃପକ୍ଷ କୋଭିଡ଼-୧୯ ମାଗଦର୍ଶୀକା ଅନୁପାଳନ କରିବାରେ ବିଫଳ ହୋଇଥାନ୍ତି । ଭିତରକୁ ଅଧିକ ଲୋକମାନଙ୍କ ପ୍ରବେଶ ପ୍ରସ୍ଥାନ ଲାଗି ରହିଥିବାରୁ ପରସ୍ପର ମଧ୍ୟରେ ସର୍ବନିମ୍ନ ୬ ଫୁଟ ସାମାଜିକ ଦୂରତା ପାଳନ କରିବା ମାର୍ଗଦର୍ଶୀକାକୁ ଭାରତ ମେଡ଼ିକାଲ ହଲ କର୍ତୃପକ୍ଷ ଅଣଦେଖା ପ୍ରଦର୍ଶନ କରିଆସୁଥିବା ବେଳେ ଜିଲ୍ଲା ପ୍ରଶାସନ ଏଦିଗରେ କୌଣସି କାରଣରୁ ଆଖି ବନ୍ଦ କରିଦେଇଛନ୍ତି। ସେହିପରି ଭାରତ ମେଡ଼ିକାଲ ହଲର ନିଜସ୍ୱ ପାର୍କିଂ ବ୍ୟବସ୍ଥା ନ ଥିବା କାରଣରୁ ସେଠାକୁ ଆସୁଥିବା ବ୍ୟକ୍ତିମାନେ ମୁଖ୍ୟ ରାସ୍ତା ଉପରେ ଦୁଇ ଓ ଚାରି ଚକିଆ ଯାନଗୁଡ଼ିକୁ ପାର୍କିଂ କରାଉଥିବାରୁ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ସହ ମେଡ଼ିକାଲକୁ ଆମ୍ବୁଲାନ୍ସର ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋଟାଏ ପାନ ଦୋକାନକୁ ଆସୁଥିବା ଗ୍ରାହକମାନେ ସାମାଜିକ ଦୂରତା ରକ୍ଷା କରିବାରେ ବିଫଳ ହେବା ଅଭିଯୋଗରେ ଦୋକାନକୁ ସିଲ କରାଯାଉଥିବା ବେଳେ ଭାରତ ମେଡ଼ିକାଲ ହଲ କର୍ତୃପକ୍ଷ ସାମାଜିକ ଦୂରତା ରକ୍ଷା କରିବାରେ ବିଫଳ ହୋଇଥିବା ସହ ସଂକ୍ରମଣ ବୃଦ୍ଧିଭାବନା ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଅହେତୁକ ଅନୁକମ୍ପା ପ୍ରଦର୍ଶନର କାରଣ ଖୋଜୁଛନ୍ତି ସାଧାରଣ ଜନତା। ଏଥି ସହିତ ପ୍ରଶାନର ଏହି ପ୍ରକାରର ନୀତି ତେଲିଆ ମୁଣ୍ଡରେ ତେଲ ବୋଲି ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ଏବିଷୟରେ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ବାରିପଦା ତହସିଲଦାରଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ଯୋଗାଯୋଗ କରିବାରୁ ଏ ବିଷୟରେ ସେ କୌଣସି ଇନକ୍ୟୁଆରୀ କରି ନାହାନ୍ତି, ତେଣୁ ପ୍ରତିକ୍ରିୟା କଣ ଦେଇ ପାରିବେ ବୋଲି ଉତର ଦେଇଥିଲେ ।

## ୨୦୨୦ ୟୁଥ୍ ଆଇକନ ଆୱାର୍ଡ ପାଇଲେ ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ



ବାରିପଦା,୧୨।୧୦ (ନି.ପ୍ର): ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସଙ୍କୁ ବିଶ୍ୱର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ‘ସୂର୍ଯ୍ୟୋଦୟ ଲିଟେରାରୀ ଫାଉଣ୍ଡେସନ’ ତରଫରୁ ଆନ୍ତର୍ଜାତୀୟ ୟୁଥ୍ ଆଇକନ୍ ଆୱାର୍ଡ -୨୦୨୦ରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩୫ଟି ଦେଶରେ ୧୦୦ ଜଣ କବି, ଗାଳ୍ପିକ ଆଉ ଗାଳ୍ପିକା ଅଂଶଗ୍ରହଣ କରିଥିଲେ। କବୀ ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ ଭାରତ ତାଲିକାରେ ୨ୟ ସ୍ଥାନ ଅଧିକାରୀକରି ଏହି ଗୌରବ ହାସଲ କରିଥିଲେ। ପୂର୍ବରୁ ସାହିତ୍ୟ ସୈକତ-୨୦୧୭, ରାଜ୍ୟ ଯୁବଜ୍ୟୋତି ସମ୍ମାନ-୨୦୧୯, ସମୁତ୍କର୍ଷ ସମ୍ମାନ-୧୯, କ୍ଷୋରୀମିରର-୨୦୧୮ ସମ୍ମାନରେ ସମ୍ମାନିତ ହୋଇଥିବା ପ୍ରିୟଙ୍କା ପ୍ରିୟଦର୍ଶନୀ ଆନୁଷ୍ଠାନିକ ଭାବେ ଆହୁରି ଅନେକ ସମ୍ମାନରେ ସମ୍ମାନିତ ହୋଇଛି। ତେବେ ଉକ୍ତ ଆୱାର୍ଡ ପାଇଁ ପ୍ରିୟଙ୍କା ଏସ.ଏଲ.ଏଫ.ର ସମ୍ପାଦକ ଶ୍ରୀଯୁକ୍ତ ମନୋଜ ପଣ୍ଡା, ପ୍ରିନ୍ସିପାଲ ଆଡଭାଇଜର ଶ୍ରୀଯୁକ୍ତ ରୋହଣୀ କୁମାର ବେହେରା ଏବଂ ପ୍ରତିଷ୍ଠାନର ସୌଜନ୍ୟ ସମ୍ପାଦକ ଶ୍ରୀଯୁକ୍ତ ଦୀପକ୍ କୁମାର ସ୍ୱାଇଁଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଆଦର୍ଶ ଶିକ୍ଷକ ଗୌରୀଚରଣ ସାହୁଙ୍କ ପରଲୋକ

କେନ୍ଦ୍ରାପଡ଼ା,୧୨।୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର ଜଣାଶୁଣା ଆଦର୍ଶ ଶିକ୍ଷକ ଗୌରୀଚରଣ ସାହୁ(୮୨)ଙ୍କର ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତ ଥାଇ ବଣିଆମାଳ ସ୍ଥିତ ବାସ ଭବନରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଜଣେ ଆଦର୍ଶ ଦକ୍ଷ ଶିକ୍ଷକ ଭାବେ ଛାତ୍ର ମହଲରେ ପରିଚିତ ଥିବାବେଳେ ଶିକ୍ଷକ ସଂଘ ମାଧ୍ୟମରେ କାର୍ଯ୍ୟକରି ଆଦୃତି ଲାଭ କରିଥିଲେ । ଖବର ପାଇ ବହୁ ପୁରାତନ ଛାତ୍ର ତାଙ୍କର ଶେଷ ଦର୍ଶନ କରିଥିଲେ ।

## ବେତଡ଼ାରେ ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ ପାଳିତ

ବାସୁଦେବପୁର, ୧୨/୧୦(ନି.ପ୍ର): ଗୋପବନ୍ଧୁ ଜୟନ୍ତୀ କମିଟି ଆନୁକୂଲ୍ୟରେ ସକାଳ ଦଶଘଟିକା ସମୟରେ, ସଂଗଠନର ସଭ୍ୟ, ସୁଭେଚ୍ଛୁ ମାନଙ୍କୁ ଗହଣରେ ଶଙ୍ଖ ହୁଳହୁଳି ମଧ୍ୟରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ, ସ୍ଥାନୀୟ ବସ୍ତି ଅଞ୍ଚଳରେର ଥିବା ପିଲାମାନଙ୍କୁ ବିସ୍‌କୁଟ, ଚକଲେଟ, ପୁଡ଼ିଆ ବଣ୍ଟା ଯାଇଥିଲା, ଗୋପବନ୍ଧୁଙ୍କର ଥିବା ବହୁମୂଖୀ ପ୍ରତିଭାକୁ ଆଖିଆଗରେ ରଖି ସେଇମଣ୍ଡପ ଉପରେ ଏକ ଛୋଟ ଧରଣର ସଭାଟିଏ ହୋଇଥିଲା । ସେହିସଭାରେ କମିଟିର ସଭାପତି ତଥା ଆନ୍ତର୍ଜାତିକ ଶାନ୍ତିଦୂତ ଡଃ ରଘୁନାଥ ମହାନ୍ତି, ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଆଧ୍ୟାତ୍ମିକ ଚିନ୍ତା ଚେତାନାର ମାର୍ଗଦର୍ଶକ ସୁ-ସାହିତ୍ୟିକ ଅବସର ପ୍ରାପ୍ତ ଅଧ୍ୟକ୍ଷ ଡଃ ସୁରେନ୍ଦ୍ର ପ୍ରସାଦ ମହାନ୍ତି ଯୋଗଦାନ ପୂର୍ବକ ଗୋପବନ୍ଧୁଙ୍କର ବହୁଗୁଣ ଗାରିମା ଗୁଡ଼ିକୁ ବର୍ଣ୍ଣନା କରିଥିଲେ । ସେହି ସଭାରେ ଡଃ ଗୟାଧର ହୋତା ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ । ବକ୍ତା ଶ୍ରୀ ପୂର୍ଣ୍ଣଚନନ୍ଦ୍ର ପରିଡ଼ା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ଅକ୍ଷରାଜ ଚାଣ୍ଡକ, ଶ୍ରୀକାନ୍ତ ପଣ୍ଡା ବାସନ୍ତୀଲତା ପଣ୍ଡା, ସୁରେନ୍ଦ୍ର ପ୍ରସାଦ ପ୍ରମୁଖ ଯୋଗଦାନ କରି ଉତ୍କଳମଣି ଗୋପବନ୍ଧୁଙ୍କର ଥିବା ବହୁଜନିତ କର୍ଯ୍ୟ ଉପରେ ଭୂୟସୀ ପ୍ରସଂସା କରିଥିଲେ, ସଂଗଠନର ସାସ୍କୃତିକ ସଂପାଦକ ମାଧବାନନ୍ଦ ମହାନ୍ତି, ଧନ୍ୟବାଦ ଅର୍ପଣ କରିଥିଲେ ।

## ସିନାପାଲି ବ୍ଲକ ଯୁବ କଂଗ୍ରେସ କମିଟିର ସଭାପତି ଚୟନ

ନୂଆପଡା,୧୨।୧୦ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ଜୁଗେନ ପଦର ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ସିନାପାଲି ବ୍ଲକ ଯୁବ କଂଗ୍ରେସ କମିଟିର ସଭାପତି ଚୟନ ହୋଇଯାଇଛି। ଏହି ଅବସରରେ ଲମ୍ବୋଦର ମାଝୀଙ୍କୁ ସର୍ବସମ୍ମତି କ୍ରମେ ଯୁବକଂଗ୍ରେସ ସଭାପତି ଭାବରେ ମନୋନିତ କରାଯାଇଛି। ତତ୍‌ସହିତ ଜିଲ୍ଲା କଂଗ୍ରେସ କମିଟିକୁ ସିନାପାଲିରୁ ୧୨ ଜଣ ସଦସ୍ୟଙ୍କୁ ମନୋନିତ କରି ପଠାଯାଇଛି। ସେହି ସଦସ୍ୟ ମାନେ ହେଲେ ରମେଶ କଟା, ଅରବିନ୍ଦ ପ୍ରଧାନ, ବିପିନ ସୁନାରୀ, ଲକ୍ଷ୍ମିକାନ୍ତ ହଂସ, ବୈଷ୍ଣବ ତାଣ୍ଡି, ସନ୍ତୋଷ ଜଗତ, ଯୁଧିଷ୍ଠିର ଜଗତ, ଭରତ ବଗର୍ତି, ରାଜେନ୍ଦ୍ର ମେହେର, ନୁତନ ଭୋଇ, ବେଣୁଧର ଦିପ, ରାଜେଶ ଜିନ୍ଦଲ ପ୍ରମୁଖ । ଏହି କାର୍ଯ୍ୟକ୍ରମରେ ସିନାପାଲି ଫଂଚାୟତ ସମିତି ଉପାଧ୍ୟକ୍ଷ କିଶୋର କୁମାର, ଲିଙ୍ଗରାଜ ଘିଭେଲା, ଦୁଧନାଥ ବାଗ, ଖଗେଶ୍ୱର ସା, ଜୟପାଲ ନାଗ, ହାଡୁ ମେହେର, ଗୋଦାବରିଶ ନାଏକ ପ୍ରମୁଖଙ୍କ ସମେତ ସିନାପାଲି ବ୍ଲକ କଂଗ୍ରେସ କମିଟିର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ।

# ସକାଳ ଧ୍ୟାନର ଉପଯୋଗିତା



♦ଧ୍ୟାନ କଲେ ଉଭୟ ମନ ଓ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ଏଇ ଅଭ୍ୟାସ କଲେ ତାହାର ସୁଫଳ ଖୁବ୍ ଶୀଘ୍ରଅ ଦେଖିବାକୁ ମିଳେ ।

♦ଶଯ୍ୟା ତ୍ୟାଗ ପରେ ଖଟ ଉପରେ ବସି ୫-୭ ମିନିଟ୍ ଧ୍ୟାନ କରିପାରିବେ। ରକ୍ତଚାପ ଓ ଅବସାଦଗ୍ରସ୍ତ ରୋଗୀ ଧ୍ୟାନ ପ୍ରତ୍ୟହ କଲେ ଏହାର ସୁଫଳ ଜାଣିପାରିବେ ।

♦ ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ । ପିଲାଠାରୁ ବୟସ୍କ ଏଇ ସରଳ ଉପାୟକୁ ନିଜ ଦୈନିକ ଜୀବନରେ ସାମିଲ କରାଇପାରିବେ । ତେବେ ପ୍ରାତଃ କାଳରେ ଧ୍ୟାନ କଲେ ତାହାର ଉତ୍ତମ ପ୍ରଭାବ ପଡ଼ିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

♦ଧ୍ୟାନ ଏକପ୍ରକାର ଶକ୍ତି, ଏହାର ପ୍ରଭାବରେ ଉଭୟ ତନ ଓ ମନ ସୁସ୍ଥ ରହିଥାଏ । ଏବର ଯୁବପିଢ଼ି ଉପରେ କାମର ଚାପ ଖୁବ୍ ଅଧିକ । ଏସବୁକୁ ନିୟନ୍ତ୍ରଣରେ ରଖିବା ସହ ଚାପମୁକ୍ତ ଜୀବନ ଅତିବାହିତ କରିବାକୁ ଚାହୁଁଥିଲେ ଯୋଗ କଲେ ଉତ୍ତମ ପ୍ରଭାବ ଜାଣିପାରିବେ ।

## ଭୋଜନ ନିୟମ

ଭୋଜନ କରିବା ପୂର୍ବରୁ ପାଞ୍ଚ ଅଙ୍ଗ (ଦୁଇହାତ, ଦୁଇଗୋଡ଼ ସହ ମୁହଁ)କୁ ଭଲଭାବରେ ଧୋଇବା ଉହିତ । ଓଦା ପାଦରେ ଭୋଜନ କରିବା ଅତ୍ୟନ୍ତ ଶୁଭଙ୍କର ଭାବେ ଗ୍ରହଣ କରାଯାଏ । ସ୍ୱାସ୍ଥ୍ୟ ଭଲ ରହିବା ସହ ଆୟୁ ବଢ଼େ ବୋଲି ବିଜ୍ଞ ବ୍ୟକ୍ତିଙ୍କ ମତ । ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି ଖାଇବା ଉଚିତ । ଏହି ଦିଗକୁ ମୁହଁ କରି ଖାଇବା ଦ୍ୱାରା ଶରୀରକୁ ପୂର୍ଣ୍ଣ ମାତ୍ରାରେ ଶକ୍ତି ମିଳେ । ଦକ୍ଷିର ଦିଗ ଆଡ଼କୁ ମୁହଁ କରି ଖାଇବା ଅନୁଚିତ । ପଶ୍ଚିମ ଦିଗକୁ ମୁହଁ କରି ଖାଇଲେ ରୋଗ ବଢ଼େ ବୋଲି ପ୍ରାଚୀନ ମାନ୍ୟତା ରହିଛି । ବିଛଣା ଉପରେ ବସି ଖାଇବା ସମ୍ପୂର୍ଣ୍ଣ ଅନୁଚିତ । ଖାଇବା ଥାଳିକୁ ହାତରେ ଧରି ଖାଇବା ମଧ୍ୟ ଗ୍ରହଣୀୟ ନୁହେଁ । ଗୋଟିଏ ସ୍ଥାନରେ ବସି ଖାଇବା ଉଚିତ । ଚାଲିବୁଲି ଖାଇଲେ ହଜମ ଠିକ୍ ଭାବରେ ହୁଏନାହିଁ । କେବେହେଲେ ପରଷା ହୋଇଥିବା ଖାଦ୍ୟର ଅପମାନ କରିବେ ନାହିଁ । ରୋଷେଇ କରୁଥିବା ବ୍ୟକ୍ତି ରୋଷେଇ କଲାବେଳେ ଶାନ୍ତ ମନରେ କରିବା ଉଚିତ । ଶୁଦ୍ଧ ମନରେ ରୋଷେଇ କଲେ ଅନ୍ନର ଅଭାବ ହୋଇନଥାଏ ।

# ତିରୁଅନନ୍ତପୁରମର ମୁଖ୍ୟ ଆକର୍ଷଣ







କେରଳର ରାଜଧାନୀ ତିରୁଅନନ୍ତପୁରମକୁ ପ୍ରତି ବର୍ଷ ସଂଖ୍ୟାଧିକ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ । ସ୍ଥାନୀୟ ପର୍ବପର୍ବାଣି, ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସହ ଏଠାକାର ସ୍ଥାନୀୟ ଖାଦ୍ୟ ହିଁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ । ଭାରତର ପ୍ରମୁଖ ପ୍ରାନ୍ତ ସହ ବିଦେଶରୁ ମଧ୍ୟ ଲୋକେ କେବଳ ଏଥିପାଇଁ ଏଇ ଦକ୍ଷିଣ ଭାରତୀୟ ରାଇଜକୁ ଛୁଟି ଆସିଥାନ୍ତି ।

ବିଭିନ୍ନ ପର୍ଯ୍ୟଟକଙ୍କ ମତ ଅନୁସାରେ, କୋବଲମ ସମୁଦ୍ରକୂଳ ନିକଟସ୍ଥ ରେସ୍ତୋରାଁର 'ସି ଫୁଡ୍' ହିଁ ସେମାନଙ୍କୁ ଏଠାକୁ ଭ୍ରମଣ ପାଇଁ ଟାଣି ନେଇ ଆସେ । ସୁଆଦିଆ ଏଇ ଖାଦ୍ୟର ମୂଲ୍ୟ ମଧ୍ୟ ସେଭଳି କିଛି ବେଶୀ ନୁହେଁ । ଅନ୍ୟ ଏକ ଆକର୍ଷଣୀୟ ବ୍ୟଞ୍ଜନ ହେଲା 'ଇଡ୍ଡିପିୟମ୍ ୱିଦ୍ କରି' । ସ୍ଥାନୀୟ ରୋଷେଇୟାମାନେ ବିଭିନ୍ନ ପ୍ରକାର ମସଲା ଦେଇ ଏଇ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି । ରାସ୍ତା କଡ଼ ଠେଲା ଠାରୁ ପଞ୍ଚତାରକା ହୋଟେଲ, ସେଠାରେ ସମସ୍ତ ସ୍ଥାନରେ ଏଇ ବ୍ୟଞ୍ଜନର ଚାହିଦା ରହିଛି ।

ବିଭିନ୍ନ ଲୋକପ୍ରିୟ ବ୍ୟଞ୍ଜନ ମଧ୍ୟରୁ ପୁଟ୍ଟୁ-କାଦଳା କରି, ଚାଉଳ ଓ କଦଳୀ ମିଶ୍ରିତ ବ୍ୟଞ୍ଜନଟି ଖୁବ୍ ସୁଆଦିଆ ଲାଗିଥାଏ । ବିଦେଶୀ ପର୍ଯ୍ୟଟକମାନେ ସେଠାକାର ଚୁଙ୍ଗୁଡ଼ି ତର୍କାରି ସହ ଦକ୍ଷିଣ ଭାରତୀୟ ଆମିଷ ବ୍ୟଞ୍ଜନ ଖାଇବାକୁ ଖୁବ୍ ପସନ୍ଦ କରନ୍ତି ।

କେରଳରେ ମାଛକୁ ସୋରିଷ ଓ ଜିରା ଦେଇ ନଡ଼ିଆ ତେଲରେ ଭଜାଯାଏ । ଏହା ମଧ୍ୟ ପର୍ଯ୍ୟଟକଙ୍କର ଅନ୍ୟତମ ଆକର୍ଷଣ ବୋଲି ଜଣାପଡ଼ିଛି । ସେଠାକାର ବିଭିନ୍ନ ଦର୍ଶନୀୟ ସ୍ଥାନ ସେମାନେ ଭ୍ରମଣ କରିବା ସହ ଲୋକପ୍ରିୟ ବ୍ୟଞ୍ଜନର ମଧ୍ୟ ମଜା ଉଠାଇଥାନ୍ତି ।





# ମଧୁମେହ ଓ ଉଚ୍ଚ ରକ୍ତଚାପ

ମଧୁମେହ ରୋଗରେ ଉଚ୍ଚ ରକ୍ତଚାପ ମିଶି ରହିଲେ ଏହା ଶରୀରର ଅଧିକ କ୍ଷତି କରେ । ରକ୍ତଚାପ ଉପର ଅଙ୍କ ୧୪୦ ଏବଂ ତଳ ଅଙ୍କ ୯୦ରୁ ଅଧିକ ରହିଲେ ଉଚ୍ଚ ରକ୍ତଚାପ (ହାଇପର ଟେନସନ) ହୋଇଛି ବୋଲି କୁହାଯାଏ । ଏହାର ଆଶଙ୍କା ମଧୁମେହ ରୋଗୀଙ୍କଠାରେ ଅଧିକ । ଏହି ଦୁଇ ରୋଗର ସଂଯୋଗ ହେଲେ ହୃଦରୋଗ, ହାତ ଗୋଡ଼ର ଧମନୀ ରୋଗ, ମସ୍ତିଷ୍କର ଷ୍ଟ୍ରୋକ୍, ପକ୍ଷାଘାତ (ପାରାଲିସିସ୍), ଆଖିର ରେଟିନା ରୋଗ ଅନ୍ଧତ୍ୱ, ଜଟିଳ ବୃକକ୍ ରୋଗ (ଏଣ୍ଡ ଷ୍ଟେଜ୍ କିଡନୀ ରୋଗ) ଅଧିକ ହୋଇଥାଏ । ମଧୁମେହ ରୋଗୀଙ୍କର ଉଚ୍ଚ ରକ୍ତଚାପ ରୋଗ କାହିଁକି ଅଧିକ ହୁଏ ତାର କାରଣ ଏପର୍ଯ୍ୟନ୍ତ ଭଲ ଭାବରେ ଜଣାଯାଇନାହିଁ । ଧମନୀଗୁଡ଼ିକରେ କୋଲେଷ୍ଟେରଲ ଅଧିକ ଜମା ହୋଇ ଧମନୀକୁ ସରୁ କରିଦେଲେ ଉଚ୍ଚ ରକ୍ତଚାପ ରୋଗ ହୋଇଥାଏ । ଏହା ମୁଖ୍ୟତଃ ଏସେନସିଆଲ ହାଇପର-ଟେନସନ । ମଧୁମେହ ଓ ହାଇପର -ଟେନସନ ରହିଲେ ଉଭୟ ରୋଗକୁ ଚିକିତ୍ସା କରି ନିୟନ୍ତ୍ରିତ କରିବାକୁ ପଡ଼େ । ଏଥିରେ ମଧୁମେହର ମାତ୍ରା ଯଥା ଏଚବିଏଓ୍ୱାନସିକୁ ୭ ତଳେ ରଖାଯାଏ ଏବଂ ଉଚ୍ଚ ରକ୍ତଚାପ ମାତ୍ରା ୧୨୦/୮୦ ତଳେ ରଖିବାକୁ ଚେଷ୍ଟା କରାଯାଏ । ବିନା ଔଷଧରେ ଉଚ୍ଚ ରକ୍ତଚାପ କମାଇବା ପାଇଁ ଜୀବନଶୈଳୀ ସଂକ୍ରାନ୍ତ ଚିକିତ୍ସା ଗୁରୁତ୍ୱପୂର୍ଣ୍ଣ । ଦୈନିକ ପ୍ରାତଃ ଭ୍ରମଣ, ବ୍ୟାୟାମ, ଜିମରେ ଓଜନ ଉଠାଇବା, ସନ୍ତରଣ, ଯୋଗ, ପ୍ରାଣାୟାମ, ପିଲେଟ୍, ସାଇକଲ ଚାଳନା , ଦୌଡ଼ିବା, ଶାରୀରିକ ପରିଶ୍ରମ ଭଳି କାର୍ଯ୍ୟ ଦୈନିକ ପ୍ରାୟ ଏକ ଘଣ୍ଟା କରିବା ଆବଶ୍ୟକ । ଧୂମପାନ, ମଦପାନ ଛାଡ଼ିଦେବା ଭଲ । ୨୪ଘଣ୍ଟାରେ ଖାଦ୍ୟରେ ଖାଇବା ଲୁଣର ପରିମାଣ ଅଢ଼େଇ ଗ୍ରାମରୁ ବେଶୀ ହେବା ଭଲ ନୁହେଁ । ଉଚ୍ଚ ରକ୍ତଚାପ କମାଇବା ପାଇଁ 'ଡାସ୍' ଡାଏଟ୍ ଖାଇବାକୁ ଉପଦେଶ ଦିଆଯାଏ । ଏହାର ପୂର୍ଣ୍ଣରୂପ ହେଲା-ଡାଏଟାରୀ ଆପ୍ରୋଚେସ୍ ଟୁ ଷ୍ଟପ୍ ହାଇପର-ଟେନସନ । ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ଦୈନିକ,






ଭାତ, ଡାଲି, ରୁଟି, ଫଳ, ସଜ ପନିପରିବା, ତେଲ, ଘିଅ ସଠିକ୍ କ୍ୟାଲୋରୀ ଖାଦ୍ୟ ଖାଇବା ଉଚିତ । ଏଥିରେ ଦୈନିକ କୋଲେଷ୍ଟେରଲ ଥିବା ଖାଦ୍ୟ ୧୫୦ ଗ୍ରାମରୁ ଅଧିକ ଖାଇବା ପାଇଁ ମନା କରାଯାଏ । ଲବଣ ମାଧରେ ଆବଶ୍ୟକ ପଟାସିୟମ ଓ ମ୍ୟାଗ୍ନେସିୟମ ଖାଇବାକୁ ପଡ଼େ । ସାଧାରଣ ଖାଇବା ଲୁଣର ମାତ୍ରା ଦୈନିକ ଅଢ଼େଇ ଗ୍ରାମ ଦିଆଯାଏ । ସଠିକ୍ ସଜନ ପାଇଁ ବିଏମଆଇ (ବଡିମାସ୍ ଇଣ୍ଡେକ୍ସ) ୨୫ ତଳେ ରଖାଯାଏ । ଏହି ଚିକିତ୍ସାରେ ରକ୍ତଚାପ ମାତ୍ରା ୧୪୦/୯୦ ତଳେ ନରହିଲେ ଡାକ୍ତରୀ ଔଷଧ ଖାଇବାକୁ ଦିଆଯାଏ । ଏହି ଔଷଧଗୁଡ଼ିକ ହେଲେ ଡାଇୟୁରେଟିକ୍, ଏସିଲ ଇନହିବିଟର, ଏ.ଆର ବି ବିଟା ବ୍ଲକସ, କ୍ୟାଲସିୟମ ଚାନେଲ ବ୍ଲକର୍ସ ଇତ୍ୟାଦି । ସାଧାରଣତଃ ଉଚ୍ଚ ରକ୍ତଚାପ କମାଇବା ପାଇଁ ଦୁଇ ତିନି ପ୍ରକାର ଔଷଧ ମିଶାଇ ଖାଇବାକୁ ଆବଶ୍ୟକ ହୋଇଥାଏ । ମଧୁମେହ ରୋଗରେ କିଡନୀ ଆକ୍ରାନ୍ତ ହୋଇ ପରିସ୍ରାରେ ଆଲବୁମିନ ଆସିଲେ ଏସିଇ ଇନହିବିଟର ଓ ଏଆର ବି ଔଷଧ ଅଲଗା ଅଲଗା ଦିଆଯାଏ । ମଧୁମେହ ରୋଗରେ ହୃଦଘାତ ହୋଇଥିଲେ ବିଟ୍ୟ ବ୍ଲକସ ଖାଇବାକୁ ଦିଆଯାଏ । ତିନି ଚାରିପ୍ରକାର ଔଷଧ ନିର୍ଦ୍ଧାରିତ ସମୟ ଖାଇଲା ପରେ ଯଦି ଉଚ୍ଚ ରକ୍ତଚାପ ଆୟତ୍ତ ନ ହୁଏ, ଏହାକୁ ରେଜିଷ୍ଟାଣ୍ଟ ହାଇପର - ଟେନସନ୍ କୁହାଯାଏ । ସେଥିପାଇଁ, ଏଥିରେ ଉଚ୍ଚ ରକ୍ତଚାପ ଲାଗିରହିଲେ ବିଶେଷଜ୍ଞ ଡାକ୍ତରମାନେ ସଘନ ଚିକିତ୍ସା କରିଥାନ୍ତି । ମଧୁମେହ, ଉଚ୍ଚରକ୍ତଚାପ କମାଇବା ପାଇଁ ସୁସ୍ଥ ଜୀବନଶୈଳୀ ଏକାନ୍ତ ଆବଶ୍ୟକ । ଏହି ଦୁଇ ରୋଗ ଅଛି ବୋଲି ଜଣାପଡ଼ିଲା ପରେ ପ୍ରତି ତିନିମାସରେ ସରକାରୀ ଡାକ୍ତରଖାନାମାନଙ୍କରେ



ରୋଗୀ ଦେହରେ ମେସିନ୍ ବାନ୍ଧି ରୋଗୀ ଚଲାବୁଲା କରୁଥିବା ଏବଂ ଶୋଇଲାବେଳେ ଉଚ୍ଚ ରକ୍ତଚାପ ମପାଯାଏ । ଏହାକୁ ଆମ୍ବୁ ଲେଟରୀ ବ୍ଲଡପ୍ରେସର ମାପିବା କୁହାଯାଏ ଏଚବିଏଓ୍ୱାନସି, ରକ୍ତଚାପ ମାପିବା, କୋଲେଷ୍ଟେରଲ ପରିମାଣ ୧୫୦ ତଳେ ରଖିବା କିଡନୀ ପାଇଁ କ୍ରିଏଟିନିନ ପରୀକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ ।

# ଅତର୍ ଦେବ ସୁଖନିଦ୍ରା

ଏବର ବ୍ୟସ୍ତ ଜୀବନରେ ଫୁରସତ୍ ପାଇଁ ସମୟ ନାହିଁ । ଏହା ସହ ଅଧିକାଂଶ ଲୋକ ନିଦ୍ରାହୀନତାର ଶିକାର ହେଉଛନ୍ତି । ୫ବର୍ଷର ସର୍ବେକ୍ଷଣ ଅନୁଯାୟୀ, ବିଶ୍ୱରେ ନିଦ୍ରାହୀନତା ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏବେ କିନ୍ତୁ ସେମାନଙ୍କୁ ଏକ ଅତର ହିଁ ସୁଖଦ ଓ ସୁନ୍ଦର ନିଦ୍ରା ଦେବ । କାଲିଫର୍ଣ୍ଣିଆର ଏକ କମ୍ପାନୀ ଏହି ଅତର ନିର୍ମାଣ କରିଛି । ଯାହାକୁ ଲଗାଇବାର ମାତ୍ର ୧୦ମିନିଟ୍ ମଧ୍ୟରେ ସୁନ୍ଦର ନିଦ୍ରା ଆପେ ଆସିବ । କେବଳ ନିଦ୍ରାହୀନତାର ଶିକାର ହେଉଥିବା ଲୋକ ଏହାକୁ ବ୍ୟବହାର କରିବା ଉଚିତ । ଗୋଟିଏ ଦିନରେ କେବଳ ଥରେ ଏହାକୁ ବ୍ୟବହାର କରାଯିବା ଦରକାର । ଏହି ଅତର ମଧ୍ୟ ବେଶ୍ ସୁଲଭ ମୂଲ୍ୟରେ ମିଳିବ । କମ୍ପାନୀ ତରଫରୁ ପ୍ରକାଶ କରାଯାଇଛି, ୫ ମି.ଲି ଅତରର ମୂଲ୍ୟ ୯୦୦ ଟଙ୍କା ଧାର୍ଯ୍ୟ ହୋଇଛି । ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଏହା ସର୍ବପ୍ରଥମେ ଆମେରିକୀୟ ବଜାରରେ ବିକ୍ରି ହେବ ।






# ପ୍ରାତଃ କାଳର ନିୟମ

ସକାଳୁ ଉଠିବା ପରେ ଖାଲି ପେଟରେ ଦୈନିକ ୧ଗ୍ଲାସ ପାଣି ପିଅନ୍ତୁ ।

ଉଠିବା ପରେ ନିଜ ବାସି ଶେଯରେ ପ୍ରାୟ ୫ମିନିଟ୍ ଆଖି ବନ୍ଦ କରି ଧ୍ୟାନ କରନ୍ତୁ । ଏପରି କରିବା ଦ୍ୱାରା ଏକାଗ୍ରତା ବଢ଼ିଥାଏ ।

ସକାଳୁ ଉଠିବାପରେ ପ୍ରତ୍ୟେକଦିନ ଗୋଟିଏ ଗୋଟିଏ ନୀତିବାଣୀ ପଢ଼ିବା ପାଇଁ ଚେଷ୍ଟା କରନ୍ତୁ ।





ଶଯ୍ୟାତ୍ୟାଗ କରିବାର ଅନ୍ତତଃ ୧୦ମିନିଟ୍ ମଧ୍ୟରେ ଏହା ପଢ଼ିନିଅନ୍ତୁ । ପଢ଼ିବାପରର ଅନୁଭୂତିରୁ ନିଜେ ହିଁ ଜାଣିପାରିବେ । ସକାଳର ଆରମ୍ଭ ଘରେ ଗାୟତ୍ରୀ ମନ୍ତ୍ରରୁ ଆରମ୍ଭ କରନ୍ତୁ । ଆପଣ ସିଡି ପ୍ଲେୟାର ସହାଯ୍ୟରେ ଏହାକୁ ଅଧିକ ଭଲ୍ୟୁମ୍ ଦେଇ ବଜାନ୍ତୁ । ପୂରା ଘରେ ଏକ ସୁନ୍ଦର ବାତାବରଣର ଅନୁଭୂତି ଆପଣ କରିପାରିବେ ।

ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବପିଢ଼ି ପର୍ଯ୍ୟନ୍ତ ସମସ୍ତେ ଏହାକୁ ପାଳନ କରିବା ଉଚିତ ହେବ । ଦୈନିକ ୫ଟାରୁ ୬ଟା ସମୟ ମଧ୍ୟରେ ଉଠି ଖୋଲା ଆକାଶ ଉପରକୁ ଚାହିଁ ପ୍ରାୟ ୧୦-୧୫ମିନିଟ୍ ଶୋଇରୁହନ୍ତୁ । ଏହା ଦ୍ୱାରା ସ୍ମରଣ ଶକ୍ତି ବଢ଼ିବା ସହିତ ମନ ଶାନ୍ତ ମଧ୍ୟ ରହିଥାଏ ।

ନିଜ ଘରେ ହିଁ ମର୍ଣ୍ଣିଙ୍ଗ ୱାକ୍ କରନ୍ତୁ । ବାଲକୋନି, ସିଢ଼ି କିମ୍ବା ଘର ମଧ୍ୟରେ ନିଜେ ଝାଡୁ କରନ୍ତୁ । ପ୍ରଥମ କିଛିଦିନ ଆପଣଙ୍କ ଅଣ୍ଟା ଗୋଡ଼ ବ୍ୟଥା ହେବ । ସେଥିପାଇଁ ବ୍ୟସ୍ତ ନହୋଇ ଦୈନିକ ଅଳ୍ପସମୟ ଏହିପରି କରନ୍ତୁ ।



## ସପୁରିର ଗୁଣ

- ସପୁରିକୁ ନିୟମିତ ଭାବରେ ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ ଥାଏ । ସପ୍ତାହକୁ ଥରେ କିମ୍ବା ଦୁଇଥର ଏହାର ରସ ପିଇବା ଭଲ । ମ୍ୟାଗ୍ନେସିୟମ ଏଥିରେ ଅଧିକ ଅଧିକ ମାତ୍ରାରେ ଥିବାରୁ ହାଡ଼ ମଜବୁତ୍ ରଖିବାରେ ସହାୟକ ହୁଏ ।
- ଲଣ୍ଡନର ଗବେଷକଙ୍କ ଅନୁଯାୟୀ, ଏହି ଫଳରେ କ୍ୟାଲୋରୀ କମ ଥିବା ସହ ମିଠା ମଧ୍ୟ କମ ଥାଏ । ସେଥିପାଇଁ ମଧୁମେହ ରୋଗୀ ଏହାକୁ ଖାଇପାରିବେ ।
- ହୃଦରୋଗ ସମ୍ବନ୍ଧିତ ରୋଗ ପାଇଁ ଏହାର ରସ ସର୍ବୋତ୍ତମ ।
- ଫାଇବର ମାତ୍ରା ଏହି ଫଳରେ ଅଧିକ ଥିବା ଯୋଗୁ ପାଚନ ପ୍ରକ୍ରିୟା ଉତ୍ତମ ରୁହେ ।
- ସପୁରିର ଆଣ୍ଟିଅକ୍ସିଡାଣ୍ଟ ପାଇଁ ଯୁବତୀମାନେ ଏହାକୁ ଖାଇବା ଭଲ । ତ୍ୱଚାରେ ଏକ ଚମକ ଆସିବା ସହ ଭାଙ୍ଗ ପଡ଼ିନଥାଏ । ଏହି ଫଳ ଖାଇଲେ ଭୋକ ବୃଦ୍ଧି ହୁଏ ।
- ଦୈନିକ ଖାଲି ପେଟରେ ଏକ ଗିଲାସ ସପୁରୀ ରସ ପିଇଲେ ଶରୀରକୁ ଶକ୍ତି ମିଳେ ।
- ପ୍ରତ୍ୟେକ ଆମେରିକୀୟ ବିଦ୍ୟାଳୟରେ ୬-୧୦ ବର୍ଷ ବୟସର ପିଲାଙ୍କୁ ନିୟମିତ ସପୁରୀ ଖାଇବା ପାଇଁ ବାଧ୍ୟତାମୂଳକ ନିୟମ ରହିଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଭବିଷ୍ୟତ କଣ୍ଟକିତ...

ଦଶହରା ମୁଣ୍ଡ ଉପରେ ଏବଂ ଦଶହରା ପରେ ଶୀତଋତୁ ଆଗମନ ଘଟିବ । କରୋନା ମହାମାରୀ ପରିପ୍ରେକ୍ଷୀରେ ଆଗାମୀ ଶୀତଦିନ ଦେଶ ପାଇଁ ଏକ ପରୀକ୍ଷାର ସମୟ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ଚେତାବନୀ ଶୁଣାଇଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଖୋଦ୍ ଜଣେ ଅଭିଜ୍ଞ ଚିକିତ୍ସକ । ତେଣୁ ତାଙ୍କର ଏହି ପୂର୍ବାନୁମାନ ଅନ୍ୟ ରାଜନେତାଙ୍କ ଅପେକ୍ଷା ଅଧିକ ମହତ୍ତ୍ୱ ବହନ କରେ । ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କର ସାପ୍ତାହିକ ଗଣମାଧ୍ୟମ ଭାବ ବିନିମୟରେ କହିଛନ୍ତି ଯେ, କରୋନା ମହାମାରୀ ଏକ ଶ୍ୱାସକ୍ରିୟାକୁ ଆକ୍ରାନ୍ତ କରୁଥିବା ଭୂତାଣୁବାହିତ ରୋଗ । ଶୀତଦିନେ ଏଭଳି ରୋଗ ଅଧିକ ପ୍ରଭାବଶାଳୀ ହୋଇଥାଏ । କାରଣ ଏହି ଭୂତାଣୁମାନେ ଥଣ୍ଡା ପାଗରେ ଏବଂ କମ୍ ଆର୍ଦ୍ରତାରେ ଅଧିକ ସକ୍ରିକ ହୋଇଥାନ୍ତି । ତେଣୁ ଏହି ଋତୁରେ ସାର୍ସ କୋଭିଡ-୧୯ ଭୂତାଣୁ ଅଧିକ ମାରାତ୍ମକ ଆକାର ଧାରଣ କରିପାରେ । କେବଳ ଭାରତ ନୁହେଁ, ସାରା ବିଶ୍ୱ ଏଥିପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ । ବ୍ରିଟେନରେ ଶୀତଦିନ ଆରମ୍ଭ ହେବାମାତ୍ରେ କୋଭିଡ-୧୯ ସଂକ୍ରମଣ ମାତ୍ରା ବୃଦ୍ଧି ପାଇଥିବା ଡକ୍ଟର ହର୍ଷବର୍ଦ୍ଧନ ଉଦାହରଣ ଛଳରେ କହିଛନ୍ତି । ତେଣୁ ଯେହେତୁ ଶୀତଦିନ ଆସିବାକୁ ଆଉ ବେଶୀ ଦିନ ନାହିଁ, ସେହି ଦୃଷ୍ଟିରୁ ଏଥିପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରମାନେ ଏବଂ ସର୍ବୋପରି ଦେଶର ଜନସାଧାରଣ ଏଥିପାଇଁ ବିଶେଷ ସର୍ତକତା ଅବଲମ୍ବନ କରିବା ଏକାନ୍ତ ଜରୁରି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କହିବା ଅନୁସାରେ, ଯେହେତୁ ଏବେସୁଦ୍ଧା କରୋନାର ପ୍ରତିଷେଧକ ଟୀକା ବାହାରିନାହିଁ, କଠୋର ସତର୍କତା ଅବଲମ୍ବନ ହିଁ ଏହି ମହାମାରୀ ସଂକ୍ରମଣରୁ ବର୍ତ୍ତିବାର ଏକମାତ୍ର ଉପାୟ । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏଭଳି ସର୍ତକବାଣୀରେ ଯେତିକି ବାସ୍ତବତା ଅଛି ତାହାକୁ ଅନୁପାଳନ କରିବାର ସେତିକି ଯଥାର୍ଥତା ରହିଛି । ଭାରତରେ ଏବେ କରୋନା ସଂକ୍ରମଣ ସଂଖ୍ୟା ୭୦ ଲକ୍ଷ ଟପିସାରିଛି ଏବଂ ବିଶ୍ୱରେ ଏବେ ଭାରତର ସ୍ଥାନୀ ଦ୍ୱିତୀୟ । ସର୍ବାଗ୍ରେ ରହିଥିବା ଆମେରିକାଠାରୁ ଏହା ଢ଼େର୍ ପଛରେ ସୁଦ୍ଧା ନାହିଁ । ସେହିଭଳି ଦୈନିକ ନୂତନ ସଂକ୍ରମିତଙ୍କ ସଂଖ୍ୟା ଗତ କିଛି ଦିନ ଧରି ୮୦ ହଜାରୁ ତଳକୁ ଖସିଛି । କିନ୍ତୁ ଦୈନିକ ମୃତ୍ୟୁସଂଖ୍ୟା ଏକହଜାର ତଳକୁ ରହିଥିଲେ ମଧ ତାହା ନଅଶହରୁ ଉପରେ ରହିଛି, ଯାହାକି ନିଶ୍ଚିତ ରୂପେ ଉଦ୍‌ବେଗର କାରଣ । ଏଯାବତ୍ କରୋନା ବିରୁଦ୍ଧରେ ଦେଶ କରିଥିବା ସଂଗ୍ରାମରେ ଯେଉଁ ଉଲ୍ଲେଖନୀୟ ସଫଳତା ମିଳିଛି ତାହା ହେଲା ଆରୋଗ୍ୟ ସଂଖ୍ୟା ଏବଂ ହାର । ଏବେସୁଦ୍ଧା ପ୍ରାୟ ୬୧ଲକ୍ଷ କରୋନା ସଂକ୍ରମିତ ସଂପୂର୍ଣ୍ଣ ଅରୋଗ୍ୟ ଲାଭ କରିସାରିଛନ୍ତି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପରିସଂଖ୍ୟାନ ଅନୁସାରେ ଏହାର ମାତ୍ରା ୮୬.୧୭ ପ୍ରତିଶତ । ସେହିଭଳି ମୃତ୍ୟୁହାର ମଧ ୧.୫୪ ପ୍ରିଶତରେ ନିୟନ୍ତ୍ରିତ ରହିଛି । ଏହି ଦୁଇଟି ହାରରେ ଭାରତର ସଫଳତା ବିଶ୍ୱରେ ଏକ କୀର୍ତ୍ତିମାନ, ଏହା ଅବଶ୍ୟ ସ୍ୱୀକାର୍ଯ୍ୟ । କିନ୍ତୁ କେବଳ ପରିସଂଖ୍ୟାନ ପର୍ଯ୍ୟାପ୍ତ ନୁହେଁ । ବାସ୍ତବ କ୍ଷେତ୍ରରେ ଏହାର ପ୍ରତିଫଳନ ଆବଶ୍ୟକ । ବିଶ୍ୱକୁ ଚୀନ୍ କରୋନା ଭୂତାଣୁ ଉପହାର ଦେଇଛି ସତ, କିନ୍ତୁ ଏହା ମଧ ଲକ୍ଷ୍ୟ କରିବା କଥା ଯେ ଏହି ମହାମାରୀକୁ ନିଜ ଦେଶରେ ନିୟନ୍ତ୍ରଣ କରିବାରେ ସେ ଦେଶ ସକ୍ଷମ ହୋଇପାରିଛି । ତେଣୁ ଭାରତ ସମେତ ସମଗ୍ର ବିଶ୍ୱ ଏହି ମହାମାରୀ ନିୟନ୍ତ୍ରଣର ଉପାୟ ଚିନ୍ତା କରିବା ଆବଶ୍ୟକ । ପ୍ରତିଷେଧକ ଟିକା ନବାହାରି ଚୀନ୍ କିପରି ଭାବେ ଏହାକୁ ନିୟନ୍ତ୍ରଣ କରିପାରିଲା ? ଆମ୍ ସାମାଜିକ ଶୃଙ୍ଖଳା ଅବଲମ୍ବନ ପାଇଁ ଏବେସୁଦ୍ଧା ଯାହା କିଛି ଉପାୟ ଅବଲମ୍ବନ କରାଯାଉଛି ତାହାକୁ ଅଧିକ କରାଯିବା ଉଚିତ ହେବନାହିଁ କି ? କିନ୍ତୁ ଦେଶରେ ଏବେ ଯେଉଁଭଳି ଭାବେ ଜନ ଚଳାଚଳ ଉପରେ କୋହଳ ମନୋଭାବ ପୋଷଣ କରାଯାଉଛି, ତାହା କେତେଦୂର ସମୀଚୀନ ତାହା ମଧ ବିଚାର୍ଯ୍ୟ । ଏପରିକି ଶିକ୍ଷାନୁଷ୍ଠାନ ଖୋଲାଯିବା ଏବଂ ଯାନବାହନ ପୂର୍ବବତ୍ ସ୍ୱାଭାବିକ ଭାବେ ଚଳପ୍ରଚଳ କରିବା ଲାଗି ସରକାର ଚିନ୍ତା କରୁଛନ୍ତି । କଟକଣା ଏବଂ ନିୟନ୍ତ୍ରଣରେ ରହିବା ଲୋକମାନଙ୍କୁ ନାନା ସମସ୍ୟାରେ ପକାଉଥିବା ଅବଶ୍ୟ ସ୍ୱୀକାର୍ଯ୍ୟ । କିନ୍ତୁ ତାହା କରୋନା ସଂକ୍ରମଣକୁ ବାଟ ଛାଡ଼ିଦେଇ କଦାପି ଅବଲମ୍ବନ କରାଯାଇନପାରେ । ତେଣୁ ଆଗାମୀ ଶୀତଦିନ ପାଇଁ ସରକାର କି ପ୍ରକାର କାର୍ଯ୍ୟପନ୍ଥା ଆପଣାଉଛନ୍ତି ଏବା ଜନସାଧାରଣ କେତେ ମାତ୍ରାରେ ସେସବୁ ଅନୁପାଳନ କରୁଛନ୍ତି, ତାହା ଉପରେ କରୋନାର ପରବର୍ତ୍ତୀ ପ୍ରଭାବ ନିର୍ଭର କରୁଛି ।

## ହଳଧର ଧୀର

# ଇସ୍ପାତ, ଶିଳ୍ପ ରାଜଧାନୀ କଳିଙ୍ଗ ନଗରର ସ୍ଥିତି ଓ ପ୍ରଗତି



ନିୟନ୍ତ୍ରଣରେ ସତରେ ନିୟତୀ ଖେଳ ବଡ ବିଚିତ୍ର । ମଣିଷ, କୀଟପତଙ୍ଗ ସମଗ୍ର ଜୀବ ଜଗତ ତାର ନୟିନ୍ତ୍ରଣରେ ।

ଆଉ ପ୍ରକୃତି ତାର ନିଜସ୍ୱ ଧର୍ମ ପାଳନ କରେ । ପ୍ରାକୃତିକ ସମ୍ପଦରେ ଭରା ଓଡ଼ିଶାକୁ ଦିନେ ଶିଳ୍ପ ସମୃଦ୍ଧ କରିବାର ସ୍ୱପ୍ନ ଦେଖିଥିଲେ । ଝଡ଼ର ଇଗଲ, ମାଟିର ମୂର୍ତ୍ତିକାର, କଳିଙ୍ଗ ରଥର ଯୋଦ୍ଧା ପୁରୁଷ, ମଣିଷ ଓ ମାଟିକୁ ଭଲ ପାଉଥିବା ଦୃଢ଼ ସଙ୍କଳ୍ପବାଦୀ ବ୍ୟକ୍ତିତ୍ୱ ବିଶ୍ୱଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଉ ଜନନୀ ଜନ୍ମ ଭୂମିର ଗୌରବ ବୃଦ୍ଧି କରିଥିବା ସେହି ମହାନ ବ୍ୟକ୍ତିତ୍ୱ ନମସ୍ୟ ସ୍ୱର୍ଗତ ବିଜୁ ପଟ୍ଟନାୟକ ସେହି ଦୃଢ଼ ସଙ୍କଳ୍ପବାଦୀ ବଜ୍ର ପୁରୁଷ ତାଙ୍କର ସ୍ୱପ୍ନକୁ ଫଳବତୀ ମଧ କରିଥିଲେ । ତାର ଫଳଶ୍ରୁତି ସ୍ୱରୁ ଆଜିର କଳିଙ୍ଗ ନଗର, ଓଡ଼ିଶାର ଇସ୍ପାତ ରାଜଧାନୀ କଳିଙ୍ଗନଗର, ଯାଜପୁର ଜିଲ୍ଲାର ସୁକିନ୍ଦା, ଦାନଗଦୀ (ତ୍ରୀଜଙ୍ଗା) ବ୍ୟାସନଗର ତହସିଲ ଅଞ୍ଚଳକୁ ନେଇ ମଥା ଟେକି ଛିଡ଼ା ହୋଇଛି ବୃହତ୍ତ ଶିଳ୍ପପୁଞ୍ଜ । ତାର ଆବଶ୍ୟକତା ପୁରଣ କରୁଛି କ୍ରୋମ ଓ ଲୌହ ଖଣିଜସମ୍ପଦ ଯାହା ଫଳରେ ଶିଳ୍ପପତି ମାନେ ଉପକୃତ ହେଲେ । ସରକାର ମଧ ନିଜର ଆତ୍ମବଡିମା ଦେଖାଇଲେ ଆଉ କିଛି ସ୍ୱଳ୍ପ ରାଜସ୍ୱ ମଧ ପାଇଲେ । ଅପର ପକ୍ଷରେ ଶିଳ୍ପପତିମାନେ ପାଣି, ପବନ, ଭୂମି, ପ୍ରକୃତି ରୂପି ଜଙ୍ଗଲ ଓ ଖଣିଜ ସମ୍ପଦର ଅଧିକାରୀ ହେଲେ ।

କିନ୍ତୁ ଶିଳ୍ପ ପାଇଁ ଆତ୍ମବଳୀ ଦେଇଥିବା, ନିଜର ଭିଟାମାଟି ହରାଇଥିବା, ଶିଳ୍ପର ସମୃଦ୍ଧି ଓ ଗମନାଗମନ ରାସ୍ତା ନିର୍ମାଣ ପାଇଁ ଜମି ହରାଇଥିବା ଲୋକମାନଙ୍କର ସ୍ୱାର୍ଥ ପ୍ରତି ସରକାର, ପ୍ରଶାସନ, ସ୍ଥାନୀୟ ଲୋକ ପ୍ରତିନିଧି ଓ ଶିଳ୍ପପତି ଯେପରି ଆଖି ବୁଜି ଦେଇ ଗାନ୍ଧିଜୀଙ୍କର ତିନିମାଙ୍କଡ଼ର ଭୂମିକା ଗ୍ରହଣ କରିଛନ୍ତି । ତାହା ପ୍ରକୃତରେ ବ୍ୟଥିତ କିରିଛି ଶିଳ୍ପ ପୁଞ୍ଜିର ପାଖରେ ଥିବା ଅଞ୍ଚଳବାସୀମାନଙ୍କୁ । ତଥାପି ଶିଳ୍ପ ପ୍ରତିଷ୍ଠା ହେଉ ବୋଲି ସରକାରଙ୍କୁ ସମର୍ଥନ ଜଣାଇଥିଲେ ଅବହେଳିତ ଅଞ୍ଚଳବାସୀ ।

ଶିଳ୍ପର ବିଷାକ୍ତ କଳା ଧୂଆଁ ଧୂଳିରେ ଅଣନିଶ୍ୱାସୀ ହୋଇପଡିଛନ୍ତି ଅଞ୍ଚଳବାସୀ, ଶିଳ୍ପରୁ ନିର୍ଗତ ବିଷାକ୍ତ ଜଳ ଜନସାଧାରଣଙ୍କର ଏକ ମାତ୍ର ଜଳଧାରା ଗଫାନାଳରେ ମିଶିଲା । ଶିଳ୍ପର ପ୍ରଭାବରେ ଚାଷବାସ ବୁଡ଼ିଲା, ଚାଷୀ କୂଳ ମୁହରେ ହାତଦେଇ ବସିଲେ । ମୂଳ ଗ୍ରାମବାସୀ ମାନଙ୍କୁ ଅଣଦେଖା କରି ବିସ୍ଥାପିତ କଲୋନୀ ନିର୍ମାଣ ପାଇଁ ଶିଳ୍ପ ନିକଟରେ ଗ୍ରାମ୍ୟ ଜଙ୍ଗଲକୁ ଦୂରଦୃଷ୍ଟି ଅଭାବରୁ କାଟି ଦିଆଗଲା । ଶିଳ୍ପପୁଞ୍ଜି ଚାରିଟକୁ ଲାଗି କରିଥିବା ସମସ୍ତ ଜଙ୍ଗଲ ଗୁଡ଼ିକୁ କାଟିଦିଆ ଗଲା । ଯେଉଁ ଜଙ୍ଗଲକୁ ନିଜର ଲୁହ ଲୁହକୁ ଅର୍ପଣ କରି ଗ୍ରାମବାସୀମାନେ ଗଢିଥିଲେ ଓ ଜଙ୍ଗଲର ସୁରକ୍ଷା କରି ଆସୁଥିଲେ । ସେହିମାନଙ୍କ ଆଖି ଆଗରେ ସେମାନଙ୍କ ଶରୀର ଅଂଶ ସ୍ୱରୂ ଏହି ଜଙ୍ଗଲକୁ କାଟି ଦିଆଗଲା । ଶିଳ୍ପ ପୁଞ୍ଜିକୁ ଲାଗି ରହିଥିବା ଜଙ୍ଗଲ ଅଂଶକୁ ବାଦ ଦେଇ ଅନ୍ୟ ଅଂଶରେ ବିସ୍ଥାପିତ କଲୋନୀ ନିର୍ମାଣ କରିବାରେ କୌଣସି ପ୍ରତି ବନ୍ଧକ ନଥିଲା । କେବଳ ସରକାର, ଇଡ଼କୋ ଓ ପ୍ରଶାସନର ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ମେରୀରାୟ ଭାବ ଓ ଭାବନାର କୁରିଣାମକୁ ଆଜି ଅଞ୍ଚଳବାସୀମାନେ ଭୋଗକରୁଛନ୍ତି । ଜଙ୍ଗଲ ବିଭାଗର ନୀରବତା ଓ ରାଜସ୍ୱ ବିଭାଗର ମେରୀରାୟ କାର୍ଯ୍ୟ ଧାରାରେ ବନ୍ଦି ହୋଇ ଯାଇଛନ୍ତି ଅଞ୍ଚଳବାସୀ । ଯେପରି ମନେହୁଏ ଏହି ଜନ କଲ୍ୟାଣ ରାଷ୍ଟ୍ରରେ କେବେଳ ବଡବଡ଼ିଆଙ୍କ ସ୍ୱାର୍ଥ ଓ ଶିଳ୍ପପତି ମାନଙ୍କର ସ୍ୱାର୍ଥ ରକ୍ଷାପାଇଁ ସମର୍ପିତ ଏ ସରକାର ଓ ପ୍ରଶାସନ । ଆଉ ସାଧାରଣ ଜନତାର ଦୟନୀୟତା ଓ ଅସହାୟତାକୁ ଦେଖିବା ପାଇଁ ଜଙ୍ଗଲ ବିଭାଗ ଓ ରାଜ୍ସ ବିଭାଗ ଆଖବରେ ଅନ୍ଧପୁଟୁଳି ବାନ୍ଧିଦେଇଛି । ତଥାପି ସୁକିନ୍ଦା ଓ କୋରାଇ ନିର୍ବାଚନ ମଫଲୀର ଜନସାଧାରଣ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଦାୟଦ ଓଡ଼ିଶାର ପ୍ରୀୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ବିଶ୍ୱାସ ଅତୁଟ ରଖିଛନ୍ତି । ଦୁଇଟିଯାକ ନିର୍ବାଚନ ମଫଲୀ ନେତୃତ୍ୱର ଡ଼ୋରୀ ରହିଛି ସରକାରୀ ଦଳ ହାତରେ । ଅଞ୍ଚଳବାସୀମାନେ ବିଷପାନ କରି ଅମୃତର ଭାଫ ଖୋଲିଦେଇଛନ୍ତି ଶିଳ୍ପପତି, ସରକାର ଓ ପ୍ରଶାସନ ପାଇଁ । ତଥାପି ମନରେ ଆଶା ବାନ୍ଧି ବସିଛନ୍ତି । ଦିନେନା ଦିନେ ସେମାନଙ୍କର ସମସ୍ୟା ର ସମାଧାନ ହେବ । ସମାଲୋଚକମାନେ କିନ୍ତୁ ଭିନ୍ନ କଥା କହୁଛନ୍ତି । ଷାଠିଏ ମହଣ ଘିଅ ହେବା ନାଁ ରାଧା ନାଚିବ, ନାଁ ଅଞ୍ଚଳବାସୀଙ୍କ ସ୍ୱପ୍ନ ସାକାର ହେବ ।

ଏବେ ଆମେ ଆସିବା ମୁଖ୍ୟ ପ୍ରସଙ୍ଗକୁ । ଶିଳ୍ପାଞ୍ଚଳର ମୁଖଶାଳା କୁହାଯାଉଥିବା ତ୍ରୀଜଙ୍ଗା (ଦାନଗଦୀ) ଗାଁର କଥାକୁ । ଶିଳ୍ପ ପାଇଁ ଗ୍ରାମ୍ୟ ଜଙ୍ଗଲଗଲା, ଜଳ ଉତ୍ସ ବିଷାକ୍ତ ହେଲା, ରାସ୍ତାପାଇଁ ଜମିଗଲା, ଚାଷ ବୁଡ଼ିଲା, ଜମି ପଡ଼ିଆ ପଡ଼ିଲା । ଜୀବନ ଓ ଜୀବିକା ବିପର୍ଯ୍ୟସ୍ତ ହେଲା, ତଥାପି ଏମାନଙ୍କ ମନରେ ଥିଲା ଅସୁମାରି ଆଶା, ସେବି ଧୂଳିସାତ ହେବାକୁ ବସିଲାଣି । ଗ୍ରାମ୍ୟ ଜଙ୍ଗଲକୁ କଟା ଯାଇବି ସ୍ଥାପିତ କଲୋନୀ ନିର୍ମାଣ କରାଗଲା । ବିସ୍ଥାପିତ ନିୟମକୁ କାର୍ଯ୍ୟକାରୀ କରିବାକୁ ଭିତ୍ତିଭୂମି ପ୍ରସ୍ତୁତ କରୁଥିବା ସରକାରଙ୍କର ଇଡ଼କୋ କର୍ତ୍ତୃ କ୍ଷ ମଧ ଆଖିବୁଜିଦେଲେ । ଏହି ନିୟମର ମୂଳ ଲକ୍ଷ ଥିଲା ବିସ୍ଥାପିତ ଲୋକ ଓ ମୂଳବାସିନ୍ଦା ଗାଁ ଲୋକମାନଙ୍କ ମଧରେ ଭାତୃଭାବ ସୃଷ୍ଟିକରି ସମାନ୍ତରାଳଭାବେ ମୂଳ ଗ୍ରାମର ଉନ୍ନତି କି ବିସ୍ଥାପିତ ଲୋକମାନଙ୍କ ସହ ସମକକ୍ଷକରି ଶାନ୍ତି ଓ ସଂହତି ସ୍ଥାପନ କରିବା । ଯାହା ଫଳରେ କି ଲୋକମାନଙ୍କର ପରସ୍ପର ମଧରେ ଯେପରି କୌଣସି ଦ୍ୱନ୍ଦ ନ ଉପୁଜେ । ଉଦାହାରଣ ସ୍ୱରୂ ବିସ୍ଥାପିତ କଲୋନୀ ପାଇଁ କଟା ଯାଉଥିବା ଗ୍ରାମ୍ୟ ଜଙ୍ଗଲଟି ଗାଁ ମୁ ଭାଗରେ ଥିବାରୁ ଏହି ଜଙ୍ଗଲକୁ ଲାଗି ଚାଷ ହେଉଥିବା ଗ୍ରାମବାସୀ ମାନଙ୍କର ଚାଷ ଜମି ନିକଟରୁ ଦୁଇ ଶହ ବର୍ଷ ଧରି ତତ୍‌କାଳୀନ ଜମିଦାର ଜଗବନ୍ଧୁ ସିଂହ ସର୍ଦାର ବ୍ୟକ୍ତଗତ ଉଦ୍ୟମରେ ଖୋଳାଯାଇଥିବା ଏକ ଛୋଟ କେନାଲ ମାଧ୍ୟମରେ ଉକ୍ତ ଜଙ୍ଗଲ ଦେଇ ପ୍ରାୟ ଦୁଇ କିଲୋମିଟର ଦୂରରେ ଥିବା ଶତାଧିକ ଏକର ଚାଷଜମିରେ ବର୍ଷାଜଳ ଆସି ଜଳସେଚିତ ହୋଇପାରୁଥିଲା । କଲୋନୀ ନିର୍ମାଣ ସମୟରେ ଇଡକୋ କର୍ତୃ କ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ଏହି ଅଣଓସାରିଆ ଛୋଟ କେନାଲଟିର ପୂନଃଉଦ୍ଧାର ବା ମରାମତି ନକରି ତାହାକୁ ପୋତିଦେଇ ତାଉପରେ କଲୋନୀ ନିର୍ମାଣ କରିବା ଫଳରେ ଏହି କେନାଲ ଉପରେ ନିର୍ଭର କରୁଥିବା ତଳ ମୁଫର ଚାଷୀଙ୍କର ଶହଶହ ଏକର ଚାଷଜମି ମଧ ପଡିଆପଡ଼ିଗଲା । ଏହି ସମସ୍ୟାପ୍ରତି ସରକାର ନାଁ ପ୍ରଶାସନ କେହି ଦୃଷ୍ଟିଦେଲେ ନାହିଁ । ତତ୍‌କାଳୀନ ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ କଥା ଆଲୋଚନା ନକରିବା ଉଚିତ୍ । ସେମାନଙ୍କର ଆଭିମୁଖ୍ୟଥିଲା ଭିନ୍ନ ଏହି ଗାଁର ବିକାଶ କ୍ଷେତ୍ରରେ ।

ଶିଳ୍ପ ହେବା ଫଳରେ ମଜୁରୀବୃଦ୍ଧି ଘଟିବା ଯୋଗୁ ଏବଂ କାରଖାନାରେ ଶ୍ରମିକ କାର୍ଯ୍ୟ କରିବା ମୋହରେ ଗାଁର କୃଷି ଶ୍ରମିକମାନେ ଚାଷକାର୍ଯ୍ୟ କରିବାକୁ ବିମୂଖ ହେବା ସଙ୍ଗେ ସଙ୍ଗେ ଚାଷୀମାନଙ୍କ ପକ୍ଷରେ ଅଧିକ ମଜୁରୀ ଦେଇ ଚାଷ କରିବା ସମ୍ଭବପର ହେଲାନାହିଁ । ଫଳରେ ଶହ ଶହ ଏକର ଚାଷ ଜମି ପଡ଼ିଆ ପଡ଼ିଗଲା । ଏଥି ।ଇଁ ପ୍ରଶାସନ ମ୍ମ କୌଣସି ଚିନ୍ତାପ୍ରକଟ କଲେ ନାହିଁ । ଗ୍ରାମ୍ୟ ଜଙ୍ଗଲ କଟାଯିବା ଫଳରେ ଶିଳ୍ପର କଳା ଧୂଆଁର ଆଁରେ ଅଣନିଶ୍ୱାସୀ ହୋଇ ପଡ଼ିଲା ମଣିଷ । ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଲା । ଲୋକମାନେ ବହୁରୋଗର ଶିକାର ହୋଇପଡ଼ିଲେ । ଚାଷୀଙ୍କର ଯେଉଁ କଣେମାଣେ ଜମି ଚାଷହେଉଥିଲା କାରଖାନା ଗୁଡ଼ିକର କଳା ଧୂଆଁର ପାଉଁସ ଓ ବିଷାକ୍ତ ଜଳର ପ୍ରଭାବରେ ଜମି ତାର ଉର୍ବରତା ହରାଇଲା । ଗାଁର ମୂଖ୍ୟଜଳ ଉତ୍ସ ବା ଜଳଧାରା ଗଫାନାଳ ଶିଳ୍ପର ପରିତ୍ୟକ୍ତ ଦୂଷିତ ବିଷାକ୍ତ ଜଳ ସବୁ ମିଶିବା ଫଳରେ ମଣିଷ, ଗୋରୁଗାଈ, ପଶୁ, ପକ୍ଷୀ ମାନେ ଏହି ଜଳ ପାନକରି ରୋଗାକ୍ରାନ୍ତ ହୋଇପଡିଲେଣି । ଏହି ଗଫାନାଳ ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ମାନଙ୍କର ଜୀବନ ଜୀବିକା ବିପର୍ଯ୍ୟସ୍ତ ହେଲା । ଏହା ବାସ୍ତବରେ ଦୂର୍ଭାଗ୍ୟ ଜନକ କଥା । ସରକାରୀ କଳ ମଧ ଏଥି ପ୍ରତି ଆଖି ବୁଜିଦେଲେ । ଶିଳ୍ପପତି ମାନଙ୍କର ସ୍ୱାର୍ଥ ରକ୍ଷାପାଇଁ ସରକାର ଶିଳ୍ପବିକାଶର ଦ୍ୱାହୀ ଦେଇ ଚାଷୀମାନଙ୍କର ଚାଷଜମି ଉପରେ କାରଖାନା ଗୁଡ଼ିକୁ କଞ୍ଚାମାଲ ଓ ମାଲ ପରିବହନ ପାଇଁ ଚାରୀଥାକିଆ ବିଶିଷ୍ଟ ଏକ ରାସ୍ତା ନିର୍ମାଣ କରିବା ପାଇଁ ରାଜସ୍ୱ ବିଭାଗ ଦ୍ୱାରା ଯୋର ଯବରଦସ୍ତ ଜମି ଅଧିଗ୍ରହଣ କରି ରାଜ୍ୟପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଗଲା । କ୍ଷତିଗ୍ରସ୍ତ ଚାଷୀମାନେ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି । କିନ୍ତୁ କ୍ଷତି ପୁରଣର ଦେବା ଦିଗରେ ସରକାର ପାତର ଅନ୍ତର ନୀତି ଗ୍ରହଣ କଲେ । ସାରଦ ୧ କିଷମ ଜମିକୁ ଏକର ପିଛା ୩ ଲକ୍ଷ ଟଙ୍କା କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇଥିବା ବେଳେ ସେହି ଜମିଗୁଡ଼ିକ ନିକଟକୁ ଲାଗି କରିଥିବା ସାରଦ-୨ ଓ ୩ କିଷମ ଜମି ଓ ପଡ଼ିଆ ଜମିଗୁଡ଼ିକୁ ଏକର ପିଛା ୧୮ ଲକ୍ଷ ଟଙ୍କା ଦେବା ଫଳରେ କ୍ଷତିଗ୍ରସ୍ତ ହୋଇଥିବା ସଂଖ୍ୟାଧିକ ଲୋକ କ୍ଷତି ପୂରଣ ନେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ଏହି କ୍ଷତି ପୂରଣ ଅର୍ଥ ପ୍ରଦାନ କ୍ଷେତ୍ରରେ ତାରତମ୍ୟଥିବାରୁ ଏହା ସ୍ପଷ୍ଟ ସୂଚିତ ହେଉଥିଲାଯେ ରାଜନୈତିକ ଦୃଷ୍ଟି କୋଣରୁ ବିରୋଧି ଦଳର ସମର୍ଥକ ଭାବି ଚାଷୀ ସ୍ୱାର୍ଥ ବିରୋଧି ସ୍ଥାନୀୟ ନେତୃତ୍ୱ ଓ ସରକାରୀ କଳପକ୍ଷରୁ ଏହି ପଦକ୍ଷେ ନିଆଯାଇଥିଲା । ଉଦ୍ଦେଶ୍ୟ ମୂଳକ ଭାବେ ବେଞ୍ଚମାର୍କକୁ କମାଇ ଦିଆଯାଇଥିଲା ।

ତଥାପି ଜମି ହରାଇଥିବା ଲେକମାନେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟକରି ସାମୁହିକ କଲ୍ୟାଣ ପାଇଁ ଜମି ଛାଡ଼ି ଦେଇଥିଲେ । ତଥାପି ବର୍ତ୍ତମାନ ସୁଦ୍ଧା କେତେକ ବ୍ୟକ୍ତି ସେମାନଙ୍କର କ୍ଷତିପୂରଣ ଅର୍ଥ ପାଇ ପାରିନାହାନ୍ତି । କି ଜମି ହରାଇଥିବା ବ୍ୟକ୍ତିମାନଙ୍କୁ କୌଣସି ଶିଳ୍ପନୁଷ୍ଠାନରେ ନିଯୁକ୍ତ ସୁବିଧା ମିଳିଲା ନାହିଁ । ସେମାନଙ୍କର ଉନ୍ନତି ପାଇଁ ଶିଳ୍ପପତି ମାନେ କି ସରକାର କେହି ଦୃଷ୍ଟିଦେଲେ ନାହିଁ । ନିଜର ବେଦନା ଓ ଲହୁଲୁହକୁ ଏକାକାର କରି ଆହତ ହୃଦୟରେ ଚାଷି ମାନେ ସରକାରଙ୍କ ପ୍ରତି ସମର୍ଥନ ଜଣାଇ ଆସୁଛନ୍ତି ।

ତଥାପି ସେମାନଙ୍କର ଆଶାଅଛି ଯେ ସରକାର ନିଶ୍ଚୟ ଦିନେନା ଦିନେ ସେମାନଙ୍କର ସମସ୍ୟା ବୁଝିବେ । ଗାଁ ଭିତରକୁ ଚାରି ଲାଇନ ରାସ୍ତ ନିକଟର ଏକ ସଂଯୋଗ ରାସ୍ତା ନିର୍ମାଣ କରିବେ, ଉପଯୁକ୍ତ କ୍ଷତିପୂରଣ କଥା ବିଚାର କରିବା ସହ ବହୁ ଗ୍ରାମର ବହୁବିଧି ଉନ୍ନତି ଦିଗରେ ପଦକ୍ଷପନେବେ । ଏହି ଗାଁର ଚାରିଲେନ୍ ବିଶିଷ୍ଟ ରାସ୍ତାର ମିଲିଟାରୀ ଛକଠାରେ ନିର୍ମିତ ଗୋଲେଇ ଛକଟି ତୃଟିପୂର୍ଣ୍ଣ ଭାବେ ନିର୍ମିତ ହୋଇଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଥିବାରୁ ଏଠାରେ ଏକ ଓଭରବ୍ରୀଜ୍ ନିର୍ମାଣ କରିବା ଆବଶ୍ୟକତାକୁ ସରକାର ନିଶ୍ଚୟ ହୃଦୟଙ୍ଗମ କରି ପଦକ୍ଷପ ଗ୍ରହଣ କରିବେ ।


+ ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର

Email: haladhar.dhir@gmail.com


## କବିତା କୋଣାର୍କ

### କେତେ ନିର୍ଲିପ୍ତ ସେ...

ଅମରେନ୍ଦ୍ର ବେହେରା

ଦେଖ ସେହି ଧୂଳି ଧୂସର ର ରୁକ୍ଷ
ଧରିତ୍ରୀକୁ କେତେ ନିର୍ଲିପ୍ତ ସେ
ବିସ୍ତୀର୍ଣ୍ଣ ତା'ର ବକ୍ଷ
ସ୍ନେହ, ମମତାର ଆଦ୍ର ପଣତରେ
ସ୍ନିଗ୍ଧ ॥ ସର୍ବଂସହା ମା,
ବକ୍ଷ ବିଦୀର୍ଣ୍ଣ କଣି ଅମୃତ ଝରାଏ
ଯେତେ କାୟା କ୍ଲେଶ, ଯନ୍ତ୍ରଣାକୁ
ସହିଯାଏ ସହାସ୍ୟ ବଦନରେ
କେତେ ନିର୍ଲିପ୍ତ ସେ ॥

ଦେଖ ସେହି ବ୍ୟାପ୍ତ ନୀଳ
ଆକାଶକୁ କେତେ ନିର୍ଲିପ୍ତ ସେ
ବିଶ୍ୱାଳତା ପାଇଁ ନାହିଁ ଗର୍ବ
ନାହିଁ ଅହମିକା ତୁମ ଦୃଷ୍ଟି
ଅନୁସାରେ ହୁଏ ସଂକ୍ଷିପ୍ତ
ସତେ ଯେପରି ସମାପ୍ତ
ହୋଇଛି ମାଟି କୁ ଛୁଇଁଛି
ତୁମ ଦୃଷ୍ଟି ଅନୁସାରେ
କେତେ ନିର୍ଲିପ୍ତ ସେ ॥

ଦେଖ ସେହି ନଦୀଧାରାକୁ
କେତେ ନିର୍ଲିପ୍ତ ସେ
ଅଳସୀ କନ୍ୟା ବହିଯାଏ
ମିଶିବାକୁ ବ୍ୟଗ୍ର ତାର ପ୍ରିୟତମ
ସାଗର ବକ୍ଷ ଦେଶେ,
ଜୀବନର ଏକନିଷ୍ଠ ଲକ୍ଷ୍ୟ
ମିଶିଯିବା ନିଜର ସତ୍ତା ହରାଇବା
ଜିବାମବା ପରାତ୍ମାର ମିଳନ ପରି
କେତେ ନିର୍ଲିପ୍ତ ସେ ॥

ଦେଖ ସେହି ସୂର୍ଯ୍ୟଙ୍କୁ
କେତେ ନିର୍ଲିପ୍ତ ସେ
ସମଦର୍ଶୀ ଭାବ
ନାହିଁ ଉଚ୍ଚ ନୀଚର ବିଚାର
ସମ ଭାବାପନ୍ନ ହୋଇ
କରନ୍ତି ନିଜର କର୍ତ୍ତବ୍ୟ
କେତେ ନିର୍ଲିପ୍ତ ସେ ॥

ଦେଖ ସେହି ସାଗରକୁ
କେତେ ନିର୍ଲିପ୍ତ ସେ
ଶ୍ରେଷ୍ଠତ୍ୱ ତା'ର ମହାନୁଭବତା
ଫେରେଇ ଦେବାରେ ପଣ
ରଖେନାହିଁ ଯାହା ଦିଅ
କେତେ ନିର୍ଲିପ୍ତ ସେ ॥

ଦେଖ ସେହି ବିହଙ୍ଗକୁ
କେତେ ନିର୍ଲିପ୍ତ ସେ
ଯେତେ ଉଚ୍ଚେ କଲେ
ବିଚରଣ ଭୁଲେ ନାହିଁ
ନିଜ ମାତୃଭୂମିକୁ
ଫେରିଆସେ ସ୍ୱ ନିଡ଼କୁ
କେତେ ନିର୍ଲିପ୍ତ ସେ ॥

ଦେଖ ଏହି କେତେ ଯେ
ନିର୍ଲିପ୍ତ ପଣ ଆମ ଚଉଦିଗେ
ତେଣୁ ହେ ଦିବ୍ୟରୂପ
ବ୍ୟାପ୍ତ କର ନିଜ ଚେତନାକୁ
ଦେଖାଅ ନିଜର ନିର୍ଲିପ୍ତ ପଣକୁ ॥


+ ସରକାରୀ ଉଚ୍ଚ ବିଦ୍ୟାଳୟ
ବାଲିଶଙ୍କରା, ସୁନ୍ଦରଗଡ଼
ମୋ: ୯୭୭୬୭୨୬୮୬୭


### ସିନ୍ଦୂର...

ଶରତ ଚନ୍ଦ୍ର ଜାଲି

ତୁମ ଆଖବ ସାଥେ ମୋ ଆଖି ମିଶିଲା
ଯେବେ ଯାଉଥିଲ ମନ୍ଦିର
ହାତେ ଧରିଥିଲ ଫୁଲର ଚାଙ୍ଗୁଡ଼ି
ଦିଶୁଥିଲ କେତେ ସୁନ୍ଦର ।

ମତେ ଦେଖି ଟିକେ ଅଟକି ରହିଲ
ପୁଣି ଗଲ ଚାଲିଚାଲି
ମନ୍ଦିର ବାଟରେ ନିଛାଟିଆ ଦେଖି
ଚାହୁଁଥିଲ ବୁଲିବୁଲି
ଦେବୀକୁ କହିଲ ବରଟିଏ ଦେବୁ
ଦେଇ ଭୋଗରାଗ ମନ୍ଦାର ।


ନଜର ପଡ଼ିଛି ତୁମରି ଉପରେ
ନିଜର କରିବ ମତେ
ସପନରେ ଆସି ଗୋପନ ହୃଦୟେ
ଚାଲୁଛ ମୋ ପ୍ରାଣ ପଥେ
ତୁମକଥା ଭାବି କେତେ ରାତିଦିନ
ହୁଏ ମୁଁ ଛନ୍ଦରମନ୍ଦର ।

ପ୍ରଥମ ଦେଖାରୁ ତୁମରି ସାଥିରେ
ପ୍ରେମ ହୋଇଅଛି ବୋଲି
ଆମରି ଗାଁରେ କେତେ କଥା ଉଠେ
କେତେ ପୁଣି ବୋଲାବୋଲି
ଯିଏ ଯାହା କହୁ ଏଇ ଫଗୁଣରେ
ନେବି ତତେ ଦେଇ ସିନ୍ଦୁର ।


+ ପଥରା, ଖଲ୍ଲିକୋଟ, ଗଂଜାମ
ମୋ: ୭୮୭୩୯୧୬୬୫୧


## ମାୟାଧର ନାୟକ

# ରାଜନୀତିର ଋତୁ ବସନ୍ତ ନୁହେଁ, ହନ୍ତସନ୍ତ



(ପୂର୍ବ ପ୍ରକାଶିତ ଉତ୍ତାରୁ...)
ସେ କ'ଣ
ତା'ହେଲେ
ଜଙ୍ଗଲର ଜଙ୍ଗୀ
ଯାଯାବର ?
ଆମେ ତ ଜଙ୍ଗଲର ଫଳ ଖାଇ
ମୂଳକୁ ବ ଚଲୁକରି ଚାଲିଛେ
ବରାବର ! କେଉଁଠି ଖୋଜିବା
ତାକୁ ? ତା'ର ଦେଖା କ'ଣ ମିଳିବ
ଆମ ନିର୍ବାଚନୀ ପ୍ରଚାର ସଭାରେ,
ଆମ ଭୋଟ୍‌କେନ୍ଦ୍ରର ସେଇ
ସବାଶେଷ ଧାଡିରେ ନା ରେସନ୍
କାର୍ଡ଼୍ ଧରିଥିବା ଭୋକିଲା ଭିଡରେ ?
ଜନମଂଚରେ ମିଳେ କି ଖୋଜୁଥିବା
ମଣିଷକୁ ? ସେ ତ ମନରେ ନାହିଁ,
ମିଳିବ କେଉଁଠି ?
ନିର୍ଦ୍ଦଳୀୟ ଜନସମୁଦାୟ ପ୍ରତି
ନିର୍ଦ୍ଦୟତା ଅନ୍ତ ହେଉ ଏବେ ।
ସ୍ୱାଧୀନତା ଯଦି ସେଦିନ ଥିଲା
ଜନ୍ମଗତ ଅଧିକାର, ସମାନତା
ଆଜିହେଉ ପ୍ରତ୍ୟେକମଣିଷ ପାଇଁ
ବଂଚିବାର ଅଧିକାର । ନୋହିଲେ
ରାଜନୀତି କ'ଣ ପାଇଁ ? ଲୋକେ
ବେଜିତ୍ ହେଉଥିବେ ବାଟରେ
ଘାଟରେ ଆଉ ଥୋକେ ମାତିଥିବେ
ବାଘ ଘରେ ମିରିଗ ନାଟରେ -
କ'ଣ ଏଇଥି ପାଇଁ ? ଦଳ କ'ଣ
ପାଇଁ ? କୁହାଳିଆମାନେ ଦୁହାଁଳିଆ
ଆଉ ବାକୀମାନେ ସାକ୍ଷୀମାନେ -
କ'ଣ ଏଯାଏଁ ଚାଲିଥିବ ଏମିତି ଏ
ପାଲା ? ରଥ ଗଡୁଥିବ ରାଜନୀତି
ଅଥଚ ପଥ ହୁଡୁଥିବ ପ୍ରଜାପୁ - ଏ
ଦେଶର ଦଳବଳ କେତେକାଳ
ମାନିନେଉଥିବ ଏଇଭଳି
ବିରୋଧାଭାସର ବିଡମ୍ବନା ?
ଆମର ଏ ଦେଶ ଯେତେବେଳେ
ବିଦେଶୀ ଶାସନ ବିରୋଧରେ
ଅହୋରାତ୍ର ଥିଲା ଆନ୍ଦୋଳନ
ପ୍ରବଣ, ସେତେବେଳେ ବିଭିନ୍ନ
ଶିବିର ସତ୍ୱେ ତଥା ନାନା
ନେତୃତ୍ୱାଧୀନ ଧାରା ମଧରେ
ଜନସାଧାରଣ ଥିଲେ ଗୋଟିଏ
ଲକ୍ଷ୍ୟକୁ ନେଇ ଐକ୍ୟବଦ୍ଧ । ତାହା
- ସ୍ୱାଧୀନତା । ଅନେକ ଆଶା
ଥିଲା ଜନସମୁଦାୟର - ପ୍ରତ୍ୟେକ
ଭାରତୀୟ ହେବ ଏକ ନୂତନ
ଭାରତବର୍ଷର ଉତରାଧିକାର । ମାତ୍ର
ପ୍ରାପ୍ୟ ସ୍ୱରୂପ ପ୍ରଥମରୁ ମିଳିଲା
ପ୍ରତାରଣା - ଏକ ଦ୍ୱିଖଣ୍ଡିତ ଦେଶ ।
ଦଙ୍ଗା ଦୁର୍ଗତ ବିଭାଜିତ ଭାରତବର୍ଷ
କ'ଣ ଥିଲାସ୍ୱାଧୀନ ଭାରତବର୍ଷ ?
ଭାରତୀୟ ଜନମାନସର ସମୂହ -
ଅବଚେତନାରେ ସେତେବେଳଠୁ
ଯେଉଁ ଶୂନ୍ୟତା ସୃଷ୍ଟିହେଲା, ତାହା
ଆଜିବି ଅପୂର୍ଣ୍ଣ ।
ସ୍ୱାଧୀନତା ପରେ ଶାସନର ଆସନ
ଅଳଙ୍କୃତ କଲେ ତଥା କଥିତ
ଦେଶୀମାନେ, କିନ୍ତୁ ଆତ୍ମାରେ
ବିଦେଶୀଛଡା ସେମାନେ ଆଉ
କ'ଣ ଥିଲେ ? ଦେଶର ମଣିଷକୁ
ଏମାନେ ଭଲ ପାଇପାରିଲେ କି ?
ଶାସନର ଢାଂଚା ବି ପ୍ରସ୍ତୁତ ହେଲା
ସେଇ ବିଦେଶୀ କାଇଦାରେ ।
ଶାସକପକ୍ଷ ଓ ଜନପକ୍ଷ ମଧରେ
ଗୋଟିଏ ମଲାଙ୍ଗ ଗୋଷ୍ଠୀ ପରିବର୍ତ୍ତି
ରହିଲେ ପ୍ରଶାସନ ପକ୍ଷ - ମଧସ୍ଥ
ଭୂମିକାରେ । ଅର୍ଥାତ୍ ନେତୃତ୍ୱ ଓ
ଜନଶକ୍ତି ମଧରେ ସଂପର୍କ ପ୍ରତ୍ୟକ୍ଷ
ନୁହେଁ, ପରୋକ୍ଷ ହେବାକୁ ହିଁ ବାଧ
ହେଲା । ଜନସ୍ୱାର୍ଥ, ଜନମତ,
ଜନଭାଷା, ଜନଜୀବନ ଅପେକ୍ଷା
ଅଧିକ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଲା
ପ୍ରଶାସକୀୟ ଫାଇଲ୍‌ଚାଷ !
ବିଦେଶୀ ଭାଷାରେ ଦସ୍ତଖତ ଦେଇ
ଆସୁଥିବା ଦେଶୀ ପ୍ରଶାସକ ବର୍ଗ
ଭୁଲିଗଲେ ସ୍ୱଦେଶୀର ସମସ୍ୟା ।
ଦାବୀନାମା, ଦରଖାସ୍ତର ଦୀର୍ଘ
ଧାରାବାହିକତା ଶେଷରେ ପରିଣତ
ହେଲା ଦୁର୍ନୀତିଗ୍ରସ୍ତ ପ୍ରଶାସକୀୟତା
ଆନୁକୂଲ୍ୟରେ ଡଷ୍ଟବିନ୍‌ର ତୁଚ୍ଛ
ଡୁକୁଡାରେ ! ଜନ ଅସନ୍ତୋଷ
ଜନିତ ଆନ୍ଦୋଳନରୁ ଆରମ୍ଭ କରି
ଗଣସଂଗଠନର ଅଭ୍ୟୁତ୍‌ଥାନକୁ
ଅଘଟନ ଘୋଷଣା କରି ଯେଉଁମାନେ
ଲାଠି ବୁଲାଇଲେ, ଗୁଳି ଫୁଟାଇଲେ,
ଦମନଲୀଳା ଚଳାଇଗଲେ,
ସେମାନେ କୌଣସି ବିଦେଶୀ ସେନା
କି ବ୍ରିଟିଶ୍ ବାହିନୀ ନୁହଁନ୍ତି -
ସେମାନେ ହେଉଛନ୍ତି ଆମ
ଭାରତୀୟ ପୁଲିସ୍ ସେବାଧୀନ
ପାରାମିଲିଟାରୀ ଫୋର୍ସ୍। ଅର୍ଥାତ୍
ସ୍ୱଦେଶୀର ଶତ୍ରୁ ବିଦେଶୀ ନୁହେଁ,
ଦେଶୀ !
ଦେଶର ସ୍ୱାଧୀନତା ଦେଶବାସୀଙ୍କ
ପାଇଁ ମଧ ରାତ୍ରର ମରୀଚିକା
ମାତ୍ର । ପ୍ରଶାସକ ଭୂମିକାରେ କିଛି
ଉଚ୍ଚ ବେତନଭୋଗୀ ବୃତ୍ତି
ଜୀବୀଶାସନ ବ୍ୟବସ୍ଥାର ବିଭିନ୍ନ
ବିଭାଗୀୟ ମନ୍ତ୍ରାଳୟ ଠୁ ଆରମ୍ଭ
କରି ସଚିବାଳୟ ପର୍ଯ୍ୟନ୍ତ ସବୁଠି
ସଂକ୍ରମିତ ଏବଂ ଏଇ କତିପୟ
କୂର୍ମଙ୍କ ପିଠିରେ ଲଦା ଚାଲିଥିବା
ବିରାଟ ଭାରତର ଭାଗ୍ୟ,
ଭବିଷ୍ୟତର ଯୋଜନା ଓ ପ୍ରକଳ୍ପ
ଗୁଡ଼ିକୁ ଜନସାଧାରଣଙ୍କ ପ୍ରତିଶାସକ
ପକ୍ଷର ଶ୍ଳେଷ ଛଡା ଆଉ କଣ
କୁହାଯାଇପାରେ ? ଶାସନ
ବ୍ୟବସ୍ଥାରେ ଶାସକଦଳ ଓ
ବିରୋଧୀ ଦଳଙ୍କ ଉପସ୍ଥିତି ଆଜି
ତେଣୁ ଗୋଟିଏ ଗଣତାନ୍ତ୍ରିକ ଗ୍ରୀକ୍
ଟ୍ରାଜେଡିର ଅଧୁରା ଅଧ୍ୟାୟ ପରି
ମନେ ହେବାରେ ବା ବିଚିତ୍ରତା
କ'ଣ ଅଛି ? ଆମ ରାଜନୈତିକ
ନାୟକ / ଅପନାୟକବର୍ଗ ପ୍ରଶାସକ
ପକ୍ଷକୁ ପାରିଷଦ କରି ଜନତାକୁ
କେବଳ ଜୋକର ବନାଇବାରେ
ବ୍ୟସ୍ତ ! ହଁ, ସେଇ ଜୋକର୍ -
ଯିଏ କାନ୍ଦୁଥିଲେ ବି ତାଳି ମାରିତା'
ଲୁହକୁ କୁହାଯାଏ ନିଗିଡି ପଡୁଥିବା
ଟୋପା ଟୋପା ହାସ୍ୟ ରସ ।
(ସମାପ୍ତ)


+ ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


## କବିତା କୋଣାର୍କ

### ଘୁଙ୍ଗୁର...

ଶୁଭସ୍ମିତା ତ୍ରିପାଠୀ

ମୋ ଶୀତଳ ଦହନର
ଚନ୍ଦନ ବିନ୍ଦୁଟିଏ ପିନ୍ଧବୋଲି
ଏବଂ ଅସ୍ଥିର ମହୁମାଛି ପରି
ମୋ ବାସ୍ନାରୁ ଅସ୍ତରାଗ
ବର୍ଣ୍ଣୀ ସ୍ୱପ୍ନ ଫୁଲଟିଏ
ଖୋସିଥାଅ ବୋଲି ମଥାରେ ତମର
ତମପାଇଁ ସାଜିବାକୁ ହୁଏ କବିତା କନ୍ୟା
ଘୁଙ୍ଗୁର ଟିଏ ପିନ୍ଧିନିଏ ପାଦେ

ତୁମେ କଣ କେବେ ପାଇଛ
ସହସ୍ରଦଳର ସୌଗନ୍ଧିକ
ପଦ୍ମ ହେବାର ସ୍ମୃତିଟିଏ..?

ଯିଏ ଛୁଉଁଥାଏ ପ୍ରତିବିମ୍ବନେ ସୂର୍ଯ୍ୟର-
ଉଦୟର ଆଦ୍ୟ ଅରୁଣିମା
ଝରେ ପୁଣି ତା'ରି ପାଖୁଡ଼ା
ଅସ୍ପଷ୍ଟ ସେ ଛାୟାଚିତ୍ରପରେ...?

ତମ ପ୍ରସୂତ କାଞ୍ଚନିକତାର
ନିର୍ଦ୍ଦୟ ସେ ପତ୍ରଧାରୁ ଶିଶିରର
ବିନ୍ଦୁପରି ଝରଯିବାପରେ

ଆଉ କେଉଁ ଘୁଙ୍ଗୁର ଥିବ ଯେ
ସନ୍ଧ୍ୟାର ତାରା ନଫୁଟୁଣୁ ଆକାଶେ
ଖୋଜୁଥିବ ତୁମରି ପାଦଚିହ୍ନ
ନଈ ର କୂଳରେ....!!!!


+ ବ୍ରହ୍ମପୁର, ଗଂଜାମ
ମୋ:୮୨୪୯୮୦୧୮୫୪




ପ୍ରଦୀପ୍ତ ଆଚାର୍ଯ୍ୟ

# ଆଦର୍ଶ ମୁଖ୍ୟମନ୍ତ୍ରୀ ନୀଳମଣି



୧୯୨୦ ମସିହା ମେ ମାସ ୨୪ ତାରିଖ ଦିନ, ବାଲେଶ୍ୱର ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟଙ୍କ ଔରସ ଏବଂ ତାଙ୍କ ପତ୍ନୀ କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରୁ ଜାତ ସନ୍ତାନ ନୀଳମଣି ଯେ ଭବିଷ୍ୟତରେ ,ଜଣେ ବିଶିଷ୍ଟ ରାଜନୈତିଜ୍ଞ ହୋଇପାରିବେ,ଏକଥା ତାଙ୍କ କୈଶୋର ଅବସ୍ଥାର ,ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ ଏବଂ ବୈପ୍ଳବିକ ଚିନ୍ତାଧାରରାରୁ ସୁସ୍ପଷ୍ଟ ହୋଇଯାଇଥିଲା। ଅଷ୍ଟମ ଗର୍ଭରୁ ଜାତ ହୋଇଥିବାରୁ ନାମ ରଖାଯାଇଥିଲା,ନୀଳମଣି ।ଖୁବ କମ ବୟସରୁ ସେ ମାତୃହରା ହୋଇଯିବାରୁ, ଭଗ୍ନୀ ଏବଂ ବିମାତାଙ୍କ ଉପରେ ପଡିଥିଲା ତାଙ୍କର ଲାଳନ ପାଳନ ଦାୟିତ୍ୱ ।ସେ କିନ୍ତୁ ସବୁଦିନ ପାଇଁ ମାତୃ ସ୍ନେହରୁ ବଂଚିତ ହୋଇଥିଲେ ମାତ୍ର ଦଶ ବର୍ଷ ବୟସରେ,ଯେତେବେଳେ ତାଙ୍କ ସାବତ ମାଆ ରାଣୀଦେବୀ ମଧ୍ୟ ଇହଧାମ ତ୍ୟାଗ କରିଥିଲେ ।ନିଜ ଗ୍ରାମରେ ବିଦ୍ୟାଳୟ ନଥିବାରୁ ପାଖ ଗାଁ ଝିଙ୍କିରିଆରେ ଆରମ୍ଭ ହୋଇଥିଲା ତାଙ୍କର ପ୍ରାଥମିକ ଶିକ୍ଷା ।ପରବର୍ତୀ କାଳରେ ଭଦ୍ରକ ପୁରୁଣା ବଜାରର ନାରାୟଣ ଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଭଦ୍ରକ ହାଇସ୍କୁଲରେ ସେ ଶିକ୍ଷା ଗ୍ରହଣ କରିଥିଲେ ।ସେହି ସମୟର ଦେଶବ୍ୟାପୀ ସ୍ୱାଧୀନତା ଆନ୍ଦୋଳନରେ,ଗାନ୍ଧିଜୀଙ୍କ ଯାଦୁକାରୀ ବକ୍ତବ୍ୟ ତାଙ୍କୁ ବିଶେଷ ଭାବରେ ଆକର୍ଷିତ କରିଥିଲା ପାଠପଢା ଛାଡି ସେ ବିଭିନ୍ନ ସଭାସମିତିରେ ଯୋଗଦେଇ ଭାଷଣ ଶୁଣୁଥିଲେ ।ବାଳକ ଅବସ୍ଥାରେ ତାଙ୍କୁ ଦଶଦିନ ପାଇଁ କାରାବରଣ କରିବାକୁ ପଡିଥିଲା,ସତ୍ୟାଗ୍ରହୀମାନଙ୍କ ସହିତ ନିଶା ନିବାରଣ ଆନ୍ଦୋଳନରେ ସକ୍ରୀୟାଂଶ ଗ୍ରହଣକରି ।ତା ପରଠାରୁ ଆଉପଛକୁ ଫେରି ଚାହିଁନାହାଁନ୍ତି ନୀଳମଣି ।ଚୁମ୍ବକ ଲୁହାକୁ ଟାଣିବାପରି ,ସେ ଶିକ୍ଷାକୁ ଗୌଣକରି ,ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିବା ପାଇଁ ନିଶାଗ୍ରସ୍ତ ହୋଇପଡିଲେ । ବଡଭାଇ ହରେକୃଷ୍ଣଙ୍କର ଇଚ୍ଛା ଥିଲା ,ନୀଳମଣି ବାରିଷ୍ଟରି ପଢି ତାପରେ ରାଜନୀତି କରନ୍ତୁ ।ତେଣୁ ଉଚ୍ଚଶିକ୍ଷା ନିମନ୍ତେ ସେ କଟକ ଆସି ରେଭେନସା କଲେଜରେ ନାମ ଲେଖାଇଲେ ।ସେତିକିବେଳେ ତାଙ୍କୁ ବହୁତ ଛାତ୍ର ଆନ୍ଦୋଳନର ନେତୃତ୍ୱ ମିଳିଗଲା ।ତାଙ୍କ ନାମରେ ପୋଲିସ୍‌ର ବାରମ୍ବାର ଅଭିଯୋଗ ଆସିବାରୁ, ତତ୍କାଳୀନ ଅଧ୍ୟକ୍ଷ ଡକ୍ଟର ପ୍ରାଣକୃଷ୍ଣ ପରିଜା,ବାଧ୍ୟହୋଇ ତାଙ୍କୁ କଲେଜରୁ ବହିଷ୍କାର କଲେ ।ବଡଭାଇଙ୍କ ସହାୟତାରେ କଲିକତାରେ ବି.ଏ ପଢିବା ସମୟରେ,ସୁଭାଷ ବୋଷଙ୍କ ସହିତ ସାକ୍ଷାତ ଏବଂ ଆଲୋଚନା ତାଙ୍କ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନର ନିଶାକୁ ଦ୍ୱିଗୁଣିତ କରିଦେଲା ।ବନାରସରେ ଆଇନ ପଢିବା ସମୟରେ ଅଗଷ୍ଟ ବିପ୍ଳବ ଓ ଭାରତଛାଡ ଆନ୍ଦୋଳନରେ ଯୋଗଦେବା ଅପରାଧରେ ତାଙ୍କୁ ଗ୍ରେପ୍ତାର କରି ବାଲେଶ୍ୱର ଜେଲ୍‌ରେ ରଖାଗଲା ।ତାପରେ କଲିକତାରେ ଓକିଲାତି ପାଶ୍ କରିବାପରେ,ସେ କଟକରେ ରହି ଓକିଲାତି ସାଙ୍ଗକୁ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦୈନିକ ସମ୍ବାଦପତ୍ର ପ୍ରଜାତନ୍ତ୍ରର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ ।ମହତାବଙ୍କ ସାଙ୍ଗରେ ଘନିଷ୍ଠତା ତାଙ୍କୁ ଟାଣି ଆଣିଥିଲା ସକ୍ରୀୟ ରାଜନୀତିକୁ ।୧୯୪୮ ମସିହାରେ,ସେ କଂଗ୍ରେସ ଦଳ ତରଫରୁ ସୋର ନିର୍ବାଚନ ମଣ୍ଡଳୀରୁ,ଅପ୍ରତିଦ୍ୱନ୍ଦି ପ୍ରାର୍ଥୀ ଭାବେ ଓଡିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ ।ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀ ମଣ୍ଡଳରେ ,ସେ ଜେଲ୍ ବିଭାଗର ଉପମନ୍ତ୍ରୀ ପଦ ପାଇବାରେ ଥିଲେ ସର୍ବ କନିଷ୍ଠ ମନ୍ତ୍ରୀ ।କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳ ଯୋଗୁ,ନବ ଗଠିତ ଉତ୍କଳକଂଗ୍ରେସର ସଭାପତି ପଦ ପାଇଁ ତାଙ୍କୁ ମନୋନୀତ କରାଗଲା ।ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ, ସେ ଘରୋଇ, ବାଣିଜ୍ୟ,ଶ୍ରମ ଓ ଯୋଗାଣ ବିଭାଗ,ବିରେନ୍ ମିତ୍ରଙ୍କ ମନ୍ତ୍ରୀ ମଣ୍ଡଳରେ, ରାଜନୈତିକ ଓ ପ୍ରଶାସନ,ଘରୋଇ,ଶ୍ରମ ଓ ଯୋଗାଣ ବିଭାଗ,ବିଶ୍ୱନାଥ ଦାଶଙ୍କ ମନ୍ତ୍ରୀ ମଣ୍ଡଳରେ, ଘରୋଇ,ଖଣି ଓ ଭୂତତ୍ୱ,ସରକାରୀ ଉଦ୍ୟୋଗ ଓ ଯୋଗାଣ ବିଭାଗ,ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀ ମଣ୍ଡଳରେ, ଉପମୁଖ୍ୟ ମନ୍ତ୍ରୀ ପଦବୀ ସହିତ,ଶିକ୍ଷା,ଯୋଗାଣ, ଆଇନ ଓ ସରକାରୀ ଉଦ୍ୟୋଗ ବିଭାଗ୍‌ର ଦାୟିତ୍ୱ ଗ୍ରହଣ କରି ସୁଚାରୁ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ ।୧୯୭୬ ମସିହାରେ ଓଡିଶାରୁ ରାଜ୍ୟସଭା ପାଇଁ ନିର୍ବାଚିତ ହୋଇଥିଲେ। ଦେଶର ଜରୁରୀ ପରିସ୍ଥିତି ପରେ କେନ୍ଦ୍ରରେ ଜନତା ଦଳର ସରକାର ସମୟରେ ,ନୀଳମଣି ମଧ୍ୟ ଓଡିଶାରୁ ଜନତା ଦଳ ତରଫରୁ ବାସୁଦେବପୁର ଆସନରୁ ବିଜୟୀ ହୋଇ ସର୍ବସମ୍ମତି କ୍ରମେ ମୁଖ୍ୟମନ୍ତ୍ରୀ ଭାବେ ୧୯୭୭ ମସିହା ଜୁନ ୨୬ ତାରିଖରେ ଶପଥ ଗ୍ରହଣ କରି ୧୯୮୦ ମସିହା ଫେବୃଆରୀ ମାସ ୧୭ ତାରିଖ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ ।୧୯୮୯ ନିର୍ବାଚନରେ ସେ ପୁରୀ ଲୋକସଭା ଆସନରୁ ବିଜୟୀ ହୋଇ ଭି.ପି.ସିଂହଙ୍କ ମନ୍ତ୍ରୀ ମଣ୍ଡଳରେ ପ୍ରଥମେ ସ୍ୱାସ୍ଥ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଏବଂ ପରେ ଜଙ୍ଗଲ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ରୁପେ କାର୍ଯ୍ୟଭାର ତୁଲାଇଥିଲେ। ସର୍ବଭାରତୀୟ ଛାତ୍ର ସଂଘର ଓଡିଶା ଶାଖାର ସେ ଥିଲେ ପ୍ରତିଷ୍ଠାତା । ୧୯୬୭ରୁ୧୯୭୦ ପର୍ଯ୍ୟନ୍ତ ସେ ଭାରତୀୟ ଜାତୀୟ କଂଗ୍ରେସର ଓଡିଶା ଶାଖାର ସଭାପତି ଥିଲେ ।ସାରସ୍ୱତ ସ୍ରଷ୍ଟା ଭାବରେ ୧୯୮୬ ମସିହାରେ ତାଙ୍କ ଲିଖିତ ଆତ୍ମ ଜୀବନୀ, (ସ୍ମୃତି ଓ ଅନୁଭୂତି)୧୯୮୮ ମସିହାରେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା। ସେ ଏକାଧାରରେ ଜଣେ ସଫଳ ରାଜନୈତିକ ବ୍ୟକ୍ତିତ୍ୱ, ଆଇନଜ୍ଞ, ସମାଜସେବୀ ତଥା ପ୍ରତିଷ୍ଠିତ ସାମ୍ବାଦିକ ହିସାବରେ ସୁଖ୍ୟାତି ଅର୍ଜନ କରି ପାରିଥିଲେ ।୨୦୦୪ ମସିହା ଅଗଷ୍ଟ୧୬ ତାରିଖରେ ସେ ଗୁରୁତର ଅସୁସ୍ଥତା ଅନୁଭବ କଲେ ।ଚିକିତ୍ସା ନିମନ୍ତେ ଡାକ୍ତର ମାନଙ୍କର ଅକ୍ଳାନ୍ତ ଚେଷ୍ଟା ସତ୍ୱେ,ପ୍ରକୃତିର କ୍ରୁର ନିୟମର ସତ୍ୟତା ସ୍ୱରୂପ, ୨୦୦୪ ମସିହା ଅକ୍ଟୋବର ମାସ ଚାରି ତାରିଖରେ,ସମସ୍ତ ପ୍ରିୟଜନଙ୍କୁ ଶୋକସାଗରରେ ଭସାଇଦେଇ, ସେ ସବୁଦିନ ପାଇଁ ଆଖିବୁଜି ଦେଇଥିଲେ ।ନିଜର ଅନ୍ତିମ ଇଛା ଅନୁସାରେ ତାଙ୍କର ମରଶରୀରକୁ , ଜନ୍ମସ୍ଥାନ ମୁକୁନ୍ଦପୁରକୁ ନିଆଯାଇ, ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,
କଟକ, ମୋ-
୬୩୭୧୫୯୩୨୨୦

# ଗର୍ଭାବସ୍ଥାରେ ତ୍ୱଚାର ଯତ୍ନ



ଗର୍ଭାବସ୍ଥାରେ ଶରୀରେ ଅନେକ ପରିବର୍ତ୍ତନ ଦେଖାଦେଇଥାଏ । ଶରୀରର ଓଜନ ବଢ଼ିବା, ତ୍ୱଚାରେ ପରିବର୍ତ୍ତନ ଆଦି ଘଟିଥାଏ । ଅନେକ ମହିଳାଙ୍କର ଭୁଲ ଧାରଣ ରହିଥାଏ କି ସେହି ସମୟରେ ସେମାନେ ନିଜର ତ୍ୱଚା ଏବଂ ଶରୀରର ସୁନ୍ଦରତା ବଢ଼େଇ ପାରିବେ ନାହିଁ । ଏପରି ଭାବିବା ସମ୍ପୂର୍ଣ୍ଣ ଭୁଲ । କାରଣ ଗର୍ଭାବସ୍ଥାରେ ଚାହିଁଲେ ମହିଳାମାନେ ନିଜକୁ ସୁନ୍ଦର କରିପାରିବେ ଏବଂ ସଜେଇ ହୋଇ ପାରିବେ । ଏହି ସମୟରେ ତ୍ୱଚାର କିପରି ଯତ୍ନ ନେଇହେବ, ସେ ବିଷୟରେ ତ୍ୱଚାର କିପରି ଯତ୍ନ ନେଇହେବ, ସେ ବିଷୟରେ କିଛି ସୂଚନା...

ଗର୍ଭାବସ୍ଥା ଦ୍ୱାରା ନାରୀମାନଙ୍କ ଶରୀରରେ ପରିବର୍ତ୍ତନ ହୋଇଥାଏ । ଯାହା ଦ୍ୱାରା କେତେକଙ୍କ ଚେହେରାରେ ଅନେକ ଉଜ୍ଜ୍ୱଳତା ଆସିଯାଇଥାଏ । ଯେଉଁ କାରଣରୁ ତାଙ୍କୁ ତ୍ୱଚା ସମ୍ବନ୍ଧିତ କେତେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । ଷ୍ଟ୍ରେଚ ମାକ୍ସ, କୁଣ୍ଡେଇ ହେବା, ବ୍ରଣ, ପେଗମେଟେସନ ଏବଂ ପ୍ରସବ ପରେ ତ୍ୱଚା ଢ଼ିଲା ପଡ଼ିଯାଇଥାଏ । ଯାହାଦ୍ୱାରା କେତେକ ସମସ୍ୟା

**ଷ୍ଟ୍ରେଚମାର୍କ:**

ଭ୍ରୂଣର ବିକାଶ ସହିତ ପେଟର ଚର୍ମ ଗୁଡ଼ିକ ଟାଣି ଓଟାରି ହୋଇଥାଏ । ଯାହାଦ୍ୱାରା ତ୍ୱଚାର ଆଭ୍ୟନ୍ତରୀଣ ଅଂଶରେ ଥିବା ଇଲାଷ୍ଟିକ ଫାଇବର ଭାଙ୍ଗିଯାଇଥାଏ । ଏହି କାରଣରୁ ଷ୍ଟ୍ରେଚମାର୍କ ଦେଖାଯାଏ । ଏଥିପାଇଁ ବିଶେଷଜ୍ଞମାନଙ୍କ ମତ ଅନୁସାରେ ଗର୍ଭାବସ୍ଥାରେ ଯେଉଁ ମହିଳାମାନଙ୍କର ଓଜନ ବଢ଼ିଯାଇଥାଏ । ସେମାନଙ୍କର ଏହି ସମସ୍ୟା ଅଧିକ ରହିଥାଏ । ଗର୍ଭାବସ୍ଥା ଦ୍ୱାରା ୧୧ରୁ ୧୨କିଲୋ ଓଜନ ବଢ଼ିବା ତ ବହୁତ ସାମାନ୍ୟ ହୋଇଥାଏ କିନ୍ତୁ କେତେକ ମହିଳାଙ୍କର ଓଜନ ୨୦ରୁ ଅଧିକ ମଧ ବଢ଼ିଯାଇଥାଏ । ଯାହାଫଳରେ ତ୍ୱଚା ପ୍ରଶସ୍ତ ହୋଇଥାଏ । ଯାହା ଦ୍ୱାରା ଷ୍ଟ୍ରେଚ ମାର୍କ ହେବାର ଅଧିକ ସମ୍ଭାବନା ବଢ଼ିଯାଇଥାଏ । ଏହାର କାରଣ ଆନୁବଂଶିକ ମଧ ହୋଇପାରେ । ଯେଉଁ ସ୍ତ୍ରୀମାନଙ୍କର ଗର୍ଭାବସ୍ଥାରେ ଷ୍ଟ୍ରେଚ ମାର୍କ ହେବାର ଅଧିକ ସମ୍ଭାବନା ବଢ଼ିଯାଇଥାଏ । ଏହାର କାରଣ ଆନୁବଂଶିକ ମଧ ହୋଇପାରେ । ଯେଉଁ ସ୍ତ୍ରୀମାନଙ୍କର ଗର୍ଭାବସ୍ଥାରେ ଷ୍ଟ୍ରେଚ ମାକସ ପଡ଼ିଯାଇଥାଏ । ସେମାନଙ୍କର ପିଲାମାନଙ୍କୁ ମଧ ଭବିଷ୍ୟତରେ ଏପରି ହେବାର ଆଶଙ୍କା ଅନେକ ରହିଥାଏ । ୧୦ରୁ ୮ଜଣ ମହିଳାମାନଙ୍କୁ ଏହି ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । କମ ସମୟରେ ପେଟ ଯଦି ଅଧିକ ବଢ଼ିଥାଏ ତେବେ ଷ୍ଟ୍ରେଚମାର୍କ୍ ଅଧିକ ପଡ଼ିଥାଏ । ଏହା ଗର୍ଭାବସ୍ଥାର ୬କିମ୍ବା ୭ମାସ ମଧରେ ଅଧିକ ପଡ଼ିଥାଏ । ପ୍ରସବ ପରେ ପେଟରେ ପଡ଼ିଥିବା ଏହି ଷ୍ଟ୍ରେଚମାର୍କ ଧୀରେଧୀରେ ହାଲୁକା ହୋଇଯାଇଥାଏ । କିନ୍ତୁ ସମ୍ପୂର୍ଣ୍ଣ ରୂପେ ଉଭେଇନଥାଏ ।






**ଷ୍ଟ୍ରେଚମାର୍କ ଦୂର କରିବା ଉପାୟ:**

ପେଟରେ ପଡ଼ିଥିବା ଏହି ଷ୍ଟ୍ରେଚମାର୍କକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ପାଇଁ ବଜାରରେ କ୍ରିମ ଉପଲବ୍ଧ ହେଲାଣି । ମଶ୍ଚରାଇଜର କିମ୍ବା ଭିଟାମିନ ଇ ଯୁକ୍ତ କ୍ରିମ ଲଗାଇ ଏହାକୁ କମ କରାଯାଇପାରେ । କାରଣ ଏହାଦ୍ୱାରା ତ୍ୱଚାରେ ନମନିୟତା ବଜାଇ ରଖେ ।

**ମୁହଁରେ ବ୍ରଣ:**

ଗର୍ଭାବସ୍ଥା ସମୟରେ ମୁଖରେ ବ୍ରଣ ଏବଂ ନାଳିଦାଗ, କେତେକ ଚିହ୍ନ ଅନେକ ସମୟରେ ମୁହଁରେ ବାହାରିବାର ଦେଖାଯାଇଥାଏ । ଯାହା ମୁହଁର ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ । ପ୍ରଜେଷ୍ଟ୍ରନ ଏବଂ ଏଷ୍ଟ୍ରୋଜନର ଅତ୍ୟଧିକ ସ୍ରାବ କାରଣରୁ ସୀବମର ଉତ୍ପାଦନ ବଢ଼ିଯାଇଥାଏ । ଯାହା ଦ୍ୱାରା ତ୍ୱଚାର ଲୋମ ଛିଦ୍ର ବନ୍ଦ ହୋଇଯାଇଥାଏ ।

ଏହାଦ୍ୱାରା ମୁହଁରେ ବ୍ରଣ ବାହାରିଯାଇଥାଏ । ଯଦି ଏହାର ଉଚିତ ରୂପେ ଉପଚାର କରାନଯାଏ ତେବେ ପ୍ରସବ ପରେ ମଧ ଏହା ରହିଯାଇଥାଏ । ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ବିନା ମନ ଇଚ୍ଛା କୌଣସି ଘରୋଇ ଉପଚାର କରନ୍ତୁ ନାହିଁ । ଏଥିପାଇଁ ଆଣ୍ଟି ବାୟୋଟିକର ସେବନ କରିବା ଉଚିତ ନୁହେଁ ।



**କୁଣ୍ଡେଇ ହେବା:**

ଗର୍ଭାବସ୍ଥାରେ ପେଟ ବଢ଼ିବା କାରଣରୁ ମାଂସପେଶୀ ଗୁଡ଼ିକ ଟାଣି ହୋଇଥାଏ । ତ୍ୱଚା ଅଧିକ ଚଉଡ଼ା ହୋଇଥାଏ ତ ଏହା ଦ୍ୱାରା ବେଶି କୁଣ୍ଡେଇ ହେବାର ସମସ୍ୟା ଦେଖାଯାଇଥାଏ । ଏହି କୁଣ୍ଡେଇରୁ ବର୍ତ୍ତିବା ପାଇଁ ଏଥିରେ ଭଲ ହେବ କି କୋଲାମାଇନ ଲୋଶନ କିମ୍ବା ହେବି କ୍ରିମ ଯୁକ୍ତ ମଶ୍ଚରାଇଜର ଲଗାନ୍ତୁ । ଯଦିଅଧିକ କୁଣ୍ଡେଇ ହେବା ଅନୁଭୁତ ହୋଇଥାଏ ତେବେ ଡାକ୍ତରଙ୍କୁ ଦେଖାନ୍ତୁ । ଏହା ଗର୍ଭାବସ୍ଥାରେ ଲିଭରରେ କୌଣସି ଗଡ଼ବଡ଼ କାରଣରୁ ମଧ ହୋଇପାରେ । ଯାହାକୁ କୋଲେଷ୍ଟ୍ରାଲ କୁହାଯାଇଥାଏ । ଯାହା କାରଣରୁ ସମୟ ପୂର୍ବ ପ୍ରସବର ଭୟ ବଢ଼ିନପାରେ ।



**ମେଲାସ୍ମୋ:**

ଏହା ଗର୍ଭାବସ୍ଥା ଦ୍ୱାରା ତ୍ୱଚାର ବଡ଼ ଗମ୍ଭୀର ସମସ୍ୟା ସାମ୍ନାକୁ ଦେଖାଯାଇଥାଏ । ଯାହାକୁ ପ୍ରେଗନେନସି ମାସ୍କ ମଧ କୁହାଯାଇଥାଏ । ଏହାଦ୍ୱାରା ତ୍ୱଚାର ସ୍ଥାନ ସ୍ଥାନରେ ପେଗମେଣ୍ଟେସନ ହୋଇଥାଏ ଏବଂ ତ୍ୱଚାରେ ଲାଲ ରଙ୍ଗର ଏକ ଦାଗ ପଡ଼ିଯାଇଥାଏ । ତେଣୁ ସୂର୍ଯ୍ୟଙ୍କର ପ୍ରଖର କିରଣରୁ ବଞ୍ଚନ୍ତୁ । ବାହାରକୁ ଯିବା ସମୟରେ ସନସକ୍ରିମ ଲଗାଇ ହିଁ ଘରୁ ବାହାରକୁ ବାହାରନ୍ତୁ ।



**ବ୍ୟାୟାମ:**

ଗର୍ଭବତୀ ମହିଳାମାନେ ଚାହିଁଲେ ନିଜର ତ୍ୱଚାକୁ ଏବଂ ସ୍ୱାସ୍ଥ୍ୟକୁ ସୁନ୍ଦର ଓ ସତେଜ ରଖିବା ପାଇଁ କେବଳ କ୍ରିମ କିମ୍ବା ମଶ୍ଚରାଇଜରର ବ୍ୟବହାର କଲେ କୌଣସି ଲାଭ ନାହିଁ । ଗର୍ଭବତୀ ହୋଇ ମଧ ସେମାନେ ନିଜର ତ୍ୱଚା ଏବଂ ଶରୀରକୁ ଏକ ପରଫେଟ୍ ଲୁକ ଦେବା ସହିତ ପ୍ରସବ ସମୟରେ ବିଶେଷ ଯନ୍ତ୍ରଣା ମଧ ଭୋଗିବାକୁ ପଡିନଥାଏ । ଏଥିପାଇଁ ଏହି ମହିଳାମାନଙ୍କୁ ନିୟମିତ ବ୍ୟାୟାମ ଏବଂ ଯୋଗ କରିବା ଉଚିତ। ବିଶେଷ କରି ଗର୍ଭବତୀ ମହିଳାମାନଙ୍କ ପାଇଁ ବିଶେଷ ପ୍ରକାର ବ୍ୟାୟାମ ଏବଂ ଯୋଗ ରହିଛି ଯାହାକୁ କରି ସେମାନେ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁନ୍ଦର ତ୍ୱଚା ପାଇ ପାରିବେ ।



# କଦଳୀ



କଦଳୀ ଏକ ସ୍ୱାଦିଷ୍ଟ ଫଳ । କଞ୍ଚା ବେଳେ ଏହାକୁ ତରକାରୀ କରି ଖାଇଥାନ୍ତି ଓ ପାଚିଲା ବଦଳୀ ଖାଇବାକୁ ଖୁବ ସ୍ୱାଦିଷ୍ଟ । ପୂଜାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କାମରେ କଦଳୀ ବ୍ୟବହାର କରାଯାଇଥାଏ । ଆସନ୍ତୁ ପ୍ରକାର କାମରେ କଦଳୀ ବ୍ୟବହାର କରାଯାଇଥାଏ । ଆସନ୍ତୁ ଜାଣିବା କଦଳୀକୁ ଆମେ କେଉଁ ସବୁ କାମରେ ଲଗାଇଥାଉ ।



- ପ୍ରାୟ ସବୁ ପୂଜାରେ ପାଚିଲାକଦଳୀର ଉପଯୋଗ କରାଯାଇଥାଏ । କଞ୍ଚାକଦଳୀ ମଧ ବିଭିନ୍ନ ପ୍ରକାରର ପୂଜା ଓ ଶ୍ରାଦ୍ଧ କର୍ମରେ ବ୍ୟବହାର କରାଯାଏ ।
- କଦଳୀ ପୁତ୍ର ବିଭିନ୍ନ ପୂଜା କାର୍ଯ୍ୟରେ ଲାଗିବା ସହିତ ଏଥିରେ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପକ୍ଷରେ ଭଲ ।
- କଦଳୀର ଭର୍ତ୍ତାକୁ ତରକାରୀ କରି ଖିଆଯାଏ ।
- କଦଳୀ ଗଛର ପାଟୁଙ୍ଗରେ ଡଙ୍ଗା କରି କାର୍ତ୍ତିକ ମାସରେ ଭସାଇଲେ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି ।
- ଏହାର ପାଟୁଙ୍ଗାକୁ ଶୁଖାଇ ଏଥିରେ ଶିକା କରାଯାଏ, ଯେଉଁଥିରେ ବସ୍ତୁ ଝରା ଗଡ଼ି ବନ୍ଧାଯାଏ । ଏହାକୁ ବାଣିକରି ଦୋକାନୀମାନେ, ଛୁଇଁ ଓ ଶାଗ ଆଦି ବାନ୍ଧି ବିକ୍ରି କରିଥାନ୍ତି ।
- କଦଳୀ ମଞ୍ଜା ତରକାରୀ ଖାଇବାକୁ ଖୁବ ସ୍ୱାଦିଷ୍ଟ ଓ ଏହା ସ୍ୱାସ୍ଥ୍ୟ ପାଇ ଖୁବ ଉପକାରୀ ।
- ଛେନା , କଦଳୀ ଓ ଗୁଡ଼ ଚକଟି ମହାଲକ୍ଷ୍ମୀଙ୍କୁ ଭୋଗ ତଥା ପଣା ପ୍ରସ୍ତୁତ କରାଯାଇଥାଏ ।
- ଚୂଡ଼ାରେ ପାଚିଲା କଦଳୀପକାଇ ଖାଇବା ଫଳରେ ପେଟର ରୋଗ ଦୂର ହୋଇଥାଏ ।
- କଦଳୀ ପକାଇ ମାଲପୁଆ ତିଆରି କରାଯାଏ । କଞ୍ଚା କଦଳୀକୁ ବ୍ୟବହାର କରି ଭଜା କିମ୍ବା ଅନ୍ୟା ତରକାରୀ ପ୍ରସ୍ତୁତ କରାଯାଇଥାଏ ।

କଦଳୀରେ ପୋଟାସିୟମ ରହିଛି ଯାହା ରକ୍ତ କୋଷିକାକୁ ସୁସ୍ଥ ରଖିବା ସହିତ ଉଚ୍ଚ ରକ୍ତ କୋଷିକାକୁ ସୁସ୍ଥ ରଖିବା ସହିତ ଉଚ୍ଚ ରକ୍ତ ଚାପକୁ ଦୂର କରିଲେ । ଉପକାରୀ । ଏଥିରେ ଫଶଇଭର, ଭିଟାମିନ, ଖଣିଜଜ, ଫାଇଟୋକେମିକାଲ ଓ ଆଣ୍ଟି ଅକ୍ସିଡାଣ୍ଡ ରହିଛି ଯାହା ଟାଇପ-୨ ଡାଇବେଟିସ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ତେଣୁ ମଧୁମେହ ରୋଗୀଙ୍କ ପାଇଁ କଦଳୀ ଅତ୍ୟନ୍ତ ଭଲ ।

- କଦଳୀ ତ୍ୱଚା ପାଇଁ ପ୍ରାକୃତିକ ମଶ୍ଚରାଇଜର କରି କାମ କରିଥାଏ । ଏଥିରେ ଥିବା ଭିଟାମିନ ଶୁଷ୍କ ତ୍ୱଚା ପାଇଁ ତୁରନ୍ତ ମଶ୍ଚରାଇଜର ପରି କାମ କରିଥାଏ ଏଥିରେ ଥିବା ଭିଟାମିନ ଶୁଷ୍କ ତ୍ୱଚା ପାଇଁ ତୁରନ୍ତ ମଶ୍ଚରାଇଜର ପରି କାମ କରିଥାଏ । କଦଳୀ ମାକ୍ସ ଲଗାଇବା ଦ୍ୱାରା ତ୍ୱଚାରେ ଏକ ଭିନ୍ନ ଚମକ ଆସିଥାଏ ।

# ମେଦହ୍ରାସ କରିବ ମାଇକ୍ରୋଚିପ୍



ମଣିଷ ଶରୀରରେ କ୍ଳାନ୍ତି, ଯନ୍ତ୍ରଣା, ଭୋକ ଶୋଷ, ନିଦ ପରି ବିଭିନ୍ନ ଅନୁଭବ ଆସିଥାଏ । ଭୋକ ଲାଗିବା ମାତ୍ରେ ଖାଇବା ଦରକାର ପଡ଼େ । ଯଦି ଖାଦ୍ୟ ବଦଳରେ ଜଣଙ୍କୁ ଭୋକ ସମୟରେ ବିଦ୍ୟୁତ ସକ୍ ଲାଗିବ, ତେବେ ତାଙ୍କର ମନୋଭାବ କ'ଣ ହେବ? ଏହା ପଛରେ ଏକ ଉପକାରୀ କାରଣ ରହିଛି । ଅନେକେ ଭୋକ ଲାଗୁନଥିଲେ ବି ଖାଦ୍ୟ ପ୍ରତି ଲାଳସା ଯୋଗୁ ଖାଇଚାଲନ୍ତି । ଏହା ସେମାନଙ୍କଠାରେ ମୋଟାପାର କାରଣ ହୋଇଥାଏ । କାଲିଫର୍ଣିଆର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଗବେଷକମାନଙ୍କ କହିବା ଅନୁସାରେ, ଯେତେବେଳେ ଭୋକ ଲାଗେ ଏହି ମାଇକ୍ରୋଚିପ୍ ମୋଟାପା ଆକ୍ରାନ୍ତ ଲୋକମାନଙ୍କୁ ବିଦ୍ୟୁତ ସକ ଲାଗିବା ପରି ଝଟକା ଦେଇଥାଏ । ପରୀକ୍ଷାମୂଳକ ଭାବେ ୬ଜଣ ମୋଟାପା ଆକ୍ରାନ୍ତ ଲୋକଙ୍କୁ ଏହି ଚିପ୍ ଲଗାଯାଇଥିଲା । ପ୍ରଥମେ ଅପସ୍ମାର ବାତରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସାଲାଗି ଏହି ଚିପ୍ ପ୍ରସ୍ତୁତ କରାଯାଇଥିଲା ଯାହାର ନାମ ରେସପନସିଭ ନ୍ୟୁରୋଷ୍ଟିମୁଲେସନ ସିଷ୍ଟମ । ଏବେ ଏହା ମେଦବହୁଳତା ଆକ୍ରାନ୍ତ ବ୍ୟକ୍ତିଙ୍କୁ ବିଦ୍ୟୁତ ସକ ଦେଇ ସେମାନଙ୍କ ଖାଦ୍ୟ ନିୟନ୍ତ୍ରଣ କରିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି । ପ୍ରଥମ ୬ମାସ ଏହା ଲଗାଯାଇଥିବା ବ୍ୟକ୍ତିଙ୍କ ଖାଦ୍ୟ ଲାଳସା ସମୟରେ ମସ୍ତିଷ୍କର କ୍ରିୟାକୁ ଅନୁଧ୍ୟାନ କରିବ । ଏହା ପରେ ସେମାନେ ଖାଦ୍ୟ ଖାଇବା କଥା ଚିନ୍ତା କରିବା ମାତ୍ରେ ସକ ଦେଇ ସେମାନଙ୍କୁ ସତର୍କ କରାଇଦେବ ।

### ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ରି ଆଡ଼ମିଶନ ଫି ହ୍ରାସ ଘଟଣା

# ପଂଚମ ଦିନରେ ଅନଶନରୁ ଉଠିଲେ ଛାତ୍ରଛାତ୍ରୀ : କୋଭିଡ ନିୟମ ଭଙ୍ଗ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା



ବାରିପଦା,୧୨।୧୦ (ନି.ପ୍ର): କରୋନା ସମୟରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ରିଆଡ଼ମିଶନ ଫିବୃଦ୍ଧିକୁ ବିରୋଧ କରି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଆଜି ଆମରଣ ଅନଶନରୁ ଉଠିଥିବାର ଜଣାଯାଇଛି । ମଙ୍ଗଳବାର ଦିନ ଠାରୁ ରିଆଡ଼ମିଶନ ଫି ବୃଦ୍ଧିକୁ ବିରୋଧ କରି ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ପଂଚମ ଦିନରେ ଗତକାଲି ବୀବାଦୀୟ ଭାବରେ ଶେଷ ହୋଇଛି । ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଅନଶନରେ ବସିଥିବା ଛାତ୍ରଛାତ୍ରୀ ମାନଙ୍କ ସହିତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦ ଆସି ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବଙ୍କ ଛାତ୍ରଛାତ୍ରୀ ମାନଙ୍କ ସହିତ ମିଳିତ ଆଲୋଚନା ପରେ ଟିଉସନଫିର ୫୦ ପ୍ରତିଶତ ଛାଡ଼ କରିବାକୁ କର୍ତ୍ତୃପକ୍ଷ ରାଜି ହେବା ସହିତ ଲିଖିତ ପ୍ରତିଶୃତି ପ୍ରଦାନ କରିଥିଲେ । ଏଥି ସହିତ ଅଧିକ ଫିଛାଡ଼ କରିବା ପାଇଁ ରାଜ୍ୟପାଳଙ୍କ ନିକଟରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ତେବେ ଚିଠିର ଉତ୍ତର ନ ଆସିବା ପର୍ଯ୍ୟନ୍ତ ରି-ଆଡ଼ମିସନ ପ୍ରକ୍ରିୟା ବନ୍ଦ ରହିବ ବୋଲି କୁଳପତି ପ୍ରତିଶ୍ରୁତି ଦେଇଛନ୍ତି । ଏହାପରେ ଛାତ୍ରଛାତ୍ରୀ ମାନେ ଅନଶନକୁ ସ୍ଥଗିତ ରଖିଥିବାର ଜଣାଯାଇଛି । ଛାତ୍ରଛାତ୍ରୀଙ୍କ ଦାବୀ ଅନୁଯାୟୀ, କରୋନା ମହାମାରୀ ସମୟରେ ଲୋକ ମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡିଛି । ଏହା ସହ ଶିକ୍ଷାବ୍ୟବସ୍ଥା ମଧ ସମ୍ପୂର୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡିଛି । ତେଣୁ ରିଆଡ଼ମିଶନ ଫି ହ୍ରାସ କରିବାକୁ ଛାତ୍ରଛାତ୍ରୀ ମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାବି କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ । ସେମାନଙ୍କର ଦାବୀ ବିଷୟରେ ବିଚାର କରାନଯିବାରୁ ସେମାନେ ଧାରଣାରେ ବସିଥିଲେ । ତେବେ କରୋନା ନିୟମ ଉଲଂଘନ କରି ମାସ୍କ ନପିନ୍ଧି ଏବଂ ସାମାଜିକ ଦୂରତା ନମାନି ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ନେଇ ଆନ୍ଦୋଳନରତ ଛାତ୍ରଛାତ୍ରୀ ମାନେ ବାରିପଦା ଟାଉନ ଥାନାରେ ଏତଲା ଦେଇଛନ୍ତି । ଅନ୍ୟପଟେ ବିଶ୍ୱବିଦ୍ୟାଳୟର କୁଳସଚିବ କରୋନା ନିୟମ ଉଲଂଘନ କରି ଆନ୍ଦୋଳନ କରିଥିବା ୧୦ ଜଣରୁ ଉର୍ଦ୍ଧ ଛାତ୍ରଙ୍କ ନାମରେ ମଧ୍ୟ ଥାନାରେ ଏତଲା ଦେଇଥିବାର ଜଣାଯାଇଛି ।

## ମାଙ୍କଡଙ୍କ ଦୌରାତ୍ମ୍ୟରେ ଅଂଚଳବାସୀ ଆତଙ୍କିତ

କେନ୍ଦ୍ରାପଡ଼ା,୧୨।୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅଧିନ ମହିପାଳ ଓ ଆଖପାଖ ଗ୍ରାମରେ ପଲପଲ ମାଙ୍କଡ ଙ୍କ ଉତ୍ପାତରେ ସ୍ଥାନୀୟ ଅଂଚଳ ବାସିନ୍ଦା ମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଏହି ମାଙ୍କଡ ମାଙ୍କ ଉପଦ୍ରବରେ ବାଡି ବଗିଚାରେ ଫୁଲଫଳ କିଛୀ ରହିନଥିବା ବେଳେ ଘରେ ପଶି ମାଙ୍କଡ ମାନେ ଖାଦ୍ୟଦ୍ରବ୍ୟ ନଷ୍ଟ କରିବା ନିତିଦିନିଆ ଘଟଣା ହେଲାଣି । ସେହିଭଳି ଏହି ମାଙ୍କଡଙ୍କ ଆକ୍ରମଣରେ ଗ୍ରାମର ଜଣେ ବୟସ୍କ ମହିଳା କାଂଚନବାଳା ପତି(୬୭) ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣା ପଡିଛି । ଏମାନଙ୍କୁ ନିୟନ୍ତ୍ରଣ ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,୧୨।୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୂରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ, ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ, ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର, ଫୁଲବାଣୀରୁ ପାୟଲ କିନ୍ନର, କ.ନୂଆଁଗାଁରୁ ନିଲୁ ବିଶୋୟୀ, ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ଆହାର କେନ୍ଦ୍ର ର ଦାୟିତ୍ୱ ନେଲେ ମହିଳା

କେନ୍ଦ୍ରାପଡ଼ା,୧୨।୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରେ ଥିବା ଆହାର କେନ୍ଦ୍ରର ପରିଚାଳନା ଭାର ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟା ମାନଙ୍କ ହାତରେ ଦିଆ ଯାଇଥିବା ଜଣାପଡିଛି । ରାଜ୍ୟ ସରକାରଙ୍କ ନୂତନ ନିର୍ଦ୍ଦେଶନାମା ମୁତାବକ ଆହାର କେନ୍ଦ୍ରର ଖାଦ୍ୟ ବିତରଣ ବ୍ୟବସ୍ଥା ଏହି ମହିଳା ମାନଙ୍କ ଦ୍ୱାରା ପରିଚାଳନା କରା ଯାଉଛି । ପୂର୍ବରୁ ଏହି କେନ୍ଦ୍ରର ଦାୟିତ୍ୱ ଠିକାଦାର ଙ୍କ ମାଧମରେ କରା ଯାଉଥିବା ବେଳେ କେତେକ ଅନିୟମିତତା ନେଇ ଅଭିଯୋଗ ହୋଇ ଆସୁଥିଲା । ମହିଳା ସଶକ୍ତିକରଣ ଯୋଜନାରେ ପୌରାଂଚଳ ୮ନଂ ୱାର୍ଡର ବାବା ମାଣେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠିର ମହିଳା ମାନଙ୍କୁ ଦାୟିତ୍ୱ ଦିଆ ଯାଇଥିବା ସ୍ୱୟଂ ସହାୟିକା ଗୋଷ୍ଠିର ସଭାପତି ରଶ୍ମିରେଖା ବେହେରା ଓ ସଂପାଦକ ମମତା ସେଠୀ ସୂଚନା ଦେଇଛନ୍ତି ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,୧୨।୧୦ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ । ଏଥିରେ ସେହି ଅଂଚଳର ୬ ଜଣ କିନ୍ନର ମଧ୍ୟ ସ୍ୱେଚ୍ଛାକୃତ ଭାବରେ ଆସି ସେମାନଙ୍କର ରକ୍ତ ଦାନ କକରିଥିଲେ । ଶିବିରରେ ଡା.ଜେ.ସାଇରଜତ ରଶ୍ମିଙ୍କ ପରିଚାଳନାରେ ରକ୍ତ ଭଣ୍ଡାରର ଟେକନିସିଆନ ତୁଷାରକାନ୍ତ ପ୍ରଧାନ,ଦିନକୃଷ୍ଣ ମହନ୍ତ ଏବଂ ବରୁଣ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିରେ ଅଂଚଳର ଯୁବକ ମାନେ ଆସି ସ୍ୱେଚ୍ଛାକୃତ ଭାବରେ ରକ୍ତ ଦାନ କରିଥିଲେ । ଶିବିରରେ ମୋଟ ୮୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

## ଧାମରା ବସଷ୍ଟାଣ୍ଡ ପାଇଁ ୩୦ ଦୋକାନୀ ସରକାରୀ ସ୍ଥାନରୁ ଉଠିଯିବା ପାଇଁ ତହସିଲଦାରଙ୍କ ନିର୍ଦ୍ଦେଶ

ଭଦ୍ରକ, ୧୨/୧୦ (ହି.ସ.) - ଧାମରାରେ ଦୀର୍ଘ ଦିନ ହେବ ଏକ ବସଷ୍ଟାଣ୍ଡ ନିର୍ମାଣ କୁ ନେଇ ଜିଲ୍ଲା ପ୍ରଶାସନ ପାଖରେ ଦାବୀ ହୋଇ ଆସୁଥିଲା । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଦକ୍ଷିଣଧାମରା ମୌଜାରେ ଖାତା ନଂ ୬୦ ଏବଂ ପ୍ଲଟ ନଂ ୩୩୪ରେ ଥିବା ୬୦ ଡେସିମିଲ ଜାଗାରେ ଏହି ବସଷ୍ଟାଣ୍ଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ଲଟଟି ବର୍ତ୍ତମାନ ୩୦ ଦୋକାନୀଙ୍କ କବଜାରେ ଥିବା ବେଳେ ଏହି ଦୋକାନୀ ମାନଙ୍କୁ ଉଛେଦ କରିବାକୁ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର ନୋଟିସ ଜାରୀ କରିଛନ୍ତି । ଆସନ୍ତା ୧୪ ତାରିଖ ସୁଦ୍ଧା ଏହି ଉଠା ଦୋକାନୀ ମାନେ ସେମାନଙ୍କ ଅସ୍ଥାବର ସମ୍ପତିକୁ ନେଇ ଉଠିଯିବା ଜରୁରୀ ନଚେତ ପ୍ରଶାସନ ବାଧ୍ୟ ହୋଇ ସେମାନଙ୍କୁ ଉଛେଦ କରିବ ବୋଲି ଡାକବାଜି ଯନ୍ତ୍ର ମାଧ୍ୟମରେ ସମସ୍ତ ଦୋକାନୀ ମାନଙ୍କୁ ଜଣାଇ ଦିଆ ଯାଇଛି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ, ଯୁବକ ଗୁରୁତର

ଭଦ୍ରକ, ୧୨/୧୦ (ହି.ସ.) - ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକ ଅପରପକ୍ଷର ମରଣାନ୍ତକ ଆକ୍ରମଣର ସମ୍ମୁଖୀନ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏହିଭଳି ଏକ ଅଭାବନୀୟ ଘଟଣା ଘଟିଛି ଏହି ଜିଲାର ବାସୁଦେବପୁର ବ୍ଲକ୍ ନାୟକାଣୀଡିହ ଥାନା ଅଧୀନସ୍ଥ ବଳରାମପୁର ଗ୍ରାମରେ । ସୂଚନା ଅନୁସାରେ ବଳରାମପୁର ଗ୍ରାମରେ ରତ୍ନାକର ବେହେରାଙ୍କ ପୁତ୍ର କାଳନ୍ଦୀ ସନ୍ଧ୍ୟାରେ ନିଜ ଘର ନିକଟ ବଜାରକୁ ଯିବା ସମୟରେ ପୂର୍ବ ପ୍ରସ୍ତୁତି ଅନୁସାରେ ସେହି ଗ୍ରାମର କିଛି ଯୁବକ ଯିବାରାସ୍ତାରେ ତାଙ୍କୁ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ । ମାତ୍ର ଗ୍ରାମବାସୀମାନେ ଘଟଣାସ୍ଥଳରେ ପହ୍ଞଯିବାରୁ ସେମାନେ କାଳନ୍ଦୀକୁ ଛାଡି ପଳାଇ ଯାଇଥିଲେ । ଗ୍ରାମବାସୀମାନେ କାଳନ୍ଦୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲା । ଏଠାରେ ସୂଚନାଯୋଗ୍ୟ ବଳରାମପୁର ଗ୍ରାମରେ ଏହିପରି ବହୁ ଘଟଣା ଦୀର୍ଘଦିନ ଧରି ଲାଗି ରହିଛି ।

# ଉତ୍କଳ ସାମ୍ବାଦିକ ସଂଘ, ଓଡିଶାର ରାଜ୍ୟ ସ୍ତରୀୟ ସମ୍ମିଳନୀ ରାୟଗଡ ଶାଖା ତରଫରୁ ଆୟୋଜିତ



ରାୟଗଡ଼ା,୧୨।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ଉତ୍କଳ ସାମ୍ବାଦିକ ସଂଘ, ଓଡିଶାର ରାଜ୍ୟ ସ୍ତରୀୟ ସମ୍ମିଳନୀ ରାୟଗଡ ଶାଖା ତରଫରୁ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଉକ୍ତ ସମ୍ମିଳନୀକୁ ରାୟଗଡ ଶାଖା ଆୟୋଜିତ କରିଥିଲା । ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାୟଗଡ ଜିଲ୍ଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲ ଯୋଗ ଦେଇ ସାମ୍ବାଦିକ ମାନେ କିଭଳି ନିଜ ଜୀବନକୁ ବାଜି ଲଗାଇ ଜନ ସଧାରଣଙ୍କ ଅସୁବିଧାକୁ ଲୋକ ଲୋଚନକୁ ଆଣି ପାରୁଛନ୍ତି ତାହା ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସେହି ଭଳି ସମ୍ମାନିତ ଅତିଥି ଭାବେ ରାୟଗଡ ବିଧାୟକ ମକରନ୍ଦ ମୁଦୁଲି ଯୋଗ ଦେଇ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ରାୟଗଡ ଶାଖାର ସଭାପତି ମଧ ମଞ୍ଚାସିନ ଥିଲେ । ଉକ୍ତ ସଭାକୁ ରାଜ୍ୟ ଶାଖା ସଭାପତି ବିଭୂତି ଭୂଷଣ କର ପରିଚାଳନା କରିବା ସହ ସାମ୍ବାଦିକ ସୁରକ୍ଷା ଆଇନ, ଅବସର କାଳୀନ ଭତ୍ତା, ସମୁଚିତ ଅଧି ସ୍ୱୀକୃତି ପ୍ରଦାନ, ପ୍ରେସ ଏକାଡେମି ଗଠନ ଓ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି ନିମନ୍ତେ ଓଡିଶା ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଉତ୍କଳ ସାମ୍ବାଦିକ ସଙ୍ଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ପ୍ରଥମେ ରାୟଗଡ ଶାଖାର ସମ୍ପାଦକ ରାଜେଶ ମହାନ୍ତି ସମ୍ପାଦକୀୟ ପାଠପଠନ କରିଥିଲେ । ଏହି ସଭାରେ ପରିଚାଳନା ସମ୍ପାଦକ ମନୋଜ ସାହୁ, ଶ୍ରୀନାଥ ତାଡିଙ୍ଗି, ଶ୍ରୀଧର ଚୌଧୁରୀ, ସୁଶାନ୍ତ ମିଶ୍ର, ସନ୍ତୋଷ ପାଢ଼ୀ, ଅମୁଲ୍ୟ ନିଶଙ୍କ ଓ ସଙ୍ଘର ଅନ୍ୟ ସଭ୍ୟ ମାନେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ଜିଲ୍ଲାପାଳ

ପୁରୀ,୧୨।୧୦ (ନି.ପ୍ର): ପୁରୀ ବେଳାଭୂମିକୁ ଅନ୍ତରାଷ୍ଟ୍ରୀୟ ସ୍ୱୀକୃତି ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା ମିଳିଥିବାରୁ ଏବଂ ଏଥିରେ ସହଯୋଗ କରିଥିବାରୁ ମୋ ବିଚ୍ ଟିମ୍, ଗଣମାଧମ ପ୍ରତିନିଧି, ପୁରୀ ବାସୀଙ୍କ ଠାରୁ ଆରମ୍ଭ କରି ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଜିଲ୍ଲାପାଳ ବଲୱନ୍ତ ସିଂହ ଧନ୍ୟବାଦ ଜଣାଇଛନ୍ତି । ଜିଲ୍ଲାପାଳ ଏଥି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା ମଧ କରିଛନ୍ତି ।

# କେନ୍ଦ୍ରାପଡାରେ ବିକ୍ରି ହେଉଛି ଏକ୍ସପାରି ଡେଟ୍ ମଦ, ଅବକାରୀ ବିଭାଗ ନୀରବ

କେନ୍ଦ୍ରାପଡ଼ା,୧୨।୧୦ (ନି.ପ୍ର): କେନ୍ଦ୍ରାପଡା ଅବକାରୀ ବିଭାଗର ନିଷ୍କ୍ରିୟତା କାରଣରୁ ସହର ଓ ଆଖପାଖ ଅଂଚଳରେ ଖୋଲିଥିବା ମଦ ଦୋକାନ ମାନଙ୍କରେ ଅବଧି ପୁରି ଯାଇଥିବା ମଦ ବୋତଲ ବିକ୍ରୟ ହେଉଥିବା ଅଭିଯୋଗ ହେଉଛି ନା ନିୟମିତ ମଦ୍ୟପାନ କରୁଥିବା ବ୍ୟକ୍ତିମାନେ ଗ୍ରହକ ଭାବେ ଏହି ମଦ ବୋତଲ କିଣୁଥିବା ବେଳେ ସେଥିରେ ଲେଖାଥିବା ଏକ୍ସପାରି ତାରିଖ ଯାଂଚ କରୁନଥିବାରୁ ଅଧିକ ଲାଭ ଆଶାରେ ଦେକାନୀ ମାନେ ଏହାକୁ ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ପୂର୍ବରୁ ଧାର୍ଯ୍ୟଦର ଠାରୁ ଅଧିକ ଦରରେ ବିକ୍ରି ହେଉଥିବା ଅଭିଯୋଗ ପାଇବା ପରେ ଜିଲ୍ଲା ଅବକାରୀ ବିଭାଗ ସକ୍ରିୟ ଭାବେ ବିଭିନ୍ନ ମଦ ଦୋକାନରେ ତନଖି କରି ଏବେ ଚୁପ୍ ହୋଇ ବସି ରହିଛି । ଚଢାଦାମ ସହିତ ଅବଧି ପୁରିଥିବା ମଦ ଯେକୌଣସି ସମୟରେ କେନ୍ଦ୍ରାପଡାରେ ମଦମୃତ୍ୟୁର କାରଣ ହେବ ବୋଲି ଆଶଙ୍କା କରାଯାଉଛି । ଜିଲ୍ଲା ଅବକାରୀ ବିଭାଗ ଓ ପୋଲିସ ବିଭାଗ ଏହି ମଦ ଦୋକାନ ଉପରେ ଚଢାଉ କରି ଅବଧି ପୁରିଥିବା ମଦ ଜବତ କରିବା ପାଇଁ ଦାବି ହଉେଛି ।

# ସମାଜସେବୀ ଶଶାଙ୍କ ପାତ୍ରଙ୍କ ପରଲୋକ



ବାରିପଦା,୧୨।୧୦ (ନି.ପ୍ର): ଓଡ଼ିଶାର ବିଚ୍ଛିନ୍ନାଂଚଳ ସିଂହଭୂମି ଜିଲ୍ଲା ବହଡ଼ଗୋଡ଼ା ବ୍ଲକ ଶାସନ ଗାଁର ଶଶାଙ୍କ ପାତ୍ରଙ୍କ ୬୫ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି । ସେ ବିଚ୍ଛିନ୍ନାଂଚଳରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଚେଷ୍ଟା କରିବା ସହ ଗାଁ ଅଧକ୍ଷ ପାଖର ଆର୍ଥିକ ଭାବରେ ପିଡିତ ମାନଙ୍କୁ ଯଥାସାଧ ସହାୟତା ସଦାସର୍ବଦା କରିଆସୁଥିଲେ । ବେଶ୍ କିଛି ଦଶକରୁ ରାଜନୀତିରେ ରୁଚି ରଖିବା ସହିତ ସକ୍ରିୟ ରାଜନୀତିରେ ମଧ ତାଙ୍କର ଯୋଗଦାନ ରହିଥିଲା । ସେ ହେଉଛନ୍ତି ଓଡିସା ସାହିତ୍ୟ ଏକାଡେମୀର ସଦସ୍ୟ କବି ଅଜିତ୍ ପାତ୍ରଙ୍କ ବଡ଼ ଭାଇ । ବାରିପଦାରେ ଶେଷ ନିଃଶ୍ୱାସ ତ୍ୟାଗ ବେଳେ ତାଙ୍କ ସ୍ତ୍ରୀ ପ୍ରତିଭା ଏକମାତ୍ର ପୁଅ ସୁମନ, ଭାଇ ବୋହୂ ସୁନୀତା, ପୁତୁରା ଅରିତ୍ର ଓ ଆଲୋକ, ଭଣଜା ମାନସ, ସୁଚିତ, ମନୋଜ ଓ ଭଉଣୀ ଜାନକୀ ଉପସ୍ଥିତ ଥିଲେ । ତାଙ୍କର ପରଲୋକରେ ବହଡ଼ଗୋଡ଼ା ଏବଂ ବାରିପଦାର ବିଭିନ୍ନ ଓଡ଼ିଆ ଅନୁଷ୍ଠାନ ଓ ରାଜନୈତିକ ମହଲରୁ ଶୋକ ବାର୍ତାମାନ ଆସି ଥିବାର ଜନାଯାଇଛି । ତାଙ୍କ ନିଜ ଗାଁରେ ଆୟୋଜିତ ଏକ ଶ୍ରଦ୍ଧାଳୀ ସଭାରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ଦୁଇ ମିନିଟ ନୀରବ ପ୍ରାର୍ଥନା ପୂର୍ବକ ଦିବଂଗତ ଆତ୍ମାକୁ ଶ୍ରଦ୍ଧାଳୀ ଜଣାଇଛନ୍ତି ।

# କେନ୍ଦୁଝର ଜିଲ୍ଲାରେ ୪୩ କରୋନା ପଜିଟିଭ : ସୁସ୍ଥ ହେଲେ ୪୬୫୦ : ଗୋଟିଏ ଦିନରେ ୨୬୧୫ ଟେଷ୍ଟ

କେନ୍ଦୁଝର,୧୨।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଆଜି ୪୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହା ମଧ୍ୟରେ ୯ ଜଣ ଯୋଡା ମ୍ୟୁନିସପାଲଟି ଅଂଚଳରେ ରହିଥିବା ବେଳେ ୮ ଜଣ ପାଟଣା ବ୍ଲକ ଅଂଚଳର ରହିଛନ୍ତି । ଏବଂ ହରିଚନ୍ଦନପୁର ବ୍ଲକ ଅଂଚଳରେ ୬ ଜଣ, ଘଟଗାଁ ବ୍ଲକ ଅଂଚଳରେ ୪ ଜଣ, କେନ୍ଦୁଝର ସଦର ବ୍ଲକ ଓ ଚମ୍ପୁଆ ବ୍ଲକ ଅଂଚଳରେ ୩ ଜଣ ଲେଖାଁଏ, ଯୋଡା ବ୍ଲକ ଓ ଚମ୍ପୁଆ ବ୍ଲକ ଅଂଚଳରେ ୨ ଜଣ ଲେଖାଁଏ, ଚମ୍ପୁଆ ଏନ.ଏ. ସି. ,ବାଂଶପାଳ ବ୍ଲକ , ଘଷିପୁରା ବ୍ଲକ, ଓ ଆନନ୍ଦପୁର ବ୍ଲକ ଅଂଚଳରେ ଜଣେ ଲେଖାଁଏ ରହିଛନ୍ତି । ରବିବାର ଦିନ ଚିହ୍ନଟ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକର ଶାଳବଣା ପଂଚାୟତରେ ଜଣେ ରହିଥିବା ବେଳେ ଆନନ୍ଦପୁର ମ୍ୟୁନିସପାଲଟି ର ଓ୍ୟାର୍ଡ ନଂ ୧୧ ଜଣେ, ବାଂଶପାଳ ବ୍ଲକର ଶୁଆକାଟି ପଂଚାୟତରେ ଜଣେ , ଚମ୍ପୁଆ ବ୍ଲକର କରଞ୍ଜିଆ ପଂଚାୟତରେ ୨ ଜଣ ଓ ଭୁଇଁପୁର ପଂଚାୟତରେ ଜଣେ, ଚମ୍ପୁଆ ଏନ. ଏ. ସି. ଓ୍ୟାର୍ଡ ନଂ ୨ ରେ ଜଣେ , ଘଷିପୁରା ବ୍ଲକ ର ବଳରାମପୁର ପଂଚାୟତରେ ଜଣେ, ଘଟଗାଁ ବ୍ଲକର ବଡଜାମୁପଶି ପଂଚାୟତରେ ଜଣେ , ମୁକ୍ତାପୁର ପଂଚାୟତରେ ୩ ଜଣ, ଯୋଡା ବ୍ଲକର ଭଦ୍ରାସାହୀ ପଂଚାୟତରେ ୨ ଜଣ, ହରିଚନ୍ଦନପୁର ଦୈତାରି ଓ ଭଗାମୁଣ୍ଡା ପଂଚାୟତରେ ୨ ଜଣ ଲେଖାଁଏ ଏବଂ ବରେଇଗୋଡା ଓ ରେବଣାପଳାଶପାଳ ପଂଚାୟତରେ ଜଣେ ଲେଖାଁଏ, ଯୋଡା ମ୍ୟୁନିସପାଲଟି ର ଓ୍ୟାର୍ଡ ନଂ ୨, ଓ୍ୟାର୍ଡ ନଂ ୬ ରେ ଜଣେ , ଓ୍ୟାର୍ଡ ନଂ ୩ ଓ ଓ୍ୟାର୍ଡ ନଂ ୭ ରେ ୨ ଜଣ ଲେଖାଁଏ , ଓ୍ୟାର୍ଡ ନଂ ୮ ରେ ୩ ଜଣ, ପାଟଣା ବ୍ଲକର କେନ୍ଦେଇପଶି ପଂଚାୟତରେ ୪ ଜଣ, ରାଜନଗର ପଂଚାୟତରେ ୩ ଜଣ, ଟାଙ୍ଗରପଡା ପଂଚାୟତରେ ଜଣେ , କେନ୍ଦୁଝର ସଦର ବ୍ଲକ ର ରାଇସୁଆଁ ପଂଚାୟତରେ ଜଣେ ଓ ନୂଆଗାଁ ପଂଚାୟତରେ ୨ ଜଣ, ତେଲକୋଇ ବ୍ଲକର ପୁରୁଯୋଡା ଓ ତେଲକୋଇ ପଂଚାୟତରେ ଜଣେ ଲେଖାଁଏ, କେନ୍ଦୁଝର ଜିଲ୍ଲାର ରାଙ୍କିସ୍ଥିତ କୋଭିଡ ହସପିଟାଲ ରେ ଜଣେ ରହିଛନ୍ତି । ଫଳରେ କେନ୍ଦୁଝର ଜିଲ୍ଲାରେ ରବିବାର ଦିନ ସୁଦ୍ଧା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୧୬୭ ରେ ପହଂଚିଥିବା ବେଳେ ଇତି ମଧ୍ୟରେ ୪୬୫୦ ଜଣ ସୁସ୍ଥ ହୋଇ ଘରକୁ ଫେରି ଛନ୍ତି । ଆଜି ସଂଧ୍ୟାରେ ମଧ୍ୟ ୮୯ ଜଣ ସୁସ୍ଥ ହୋଇଥିବା ସୂଚନା ମିଳିଛି । ବର୍ତମାନ ଆକ୍ଟିଭ କେଶ ୫୦୫ ରହିଛି । ଗତ ୨୪ ଘଂଟା ମଧ୍ୟରେ ୨୬୧୫ ଜଣଙ୍କର କୋଭିଡ ଟେଷ୍ଟ ହୋଇଛି । କେନ୍ଦୁଝର ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବା ସରକାରୀ ରିପୋର୍ଟରୁ ଦେଖିବାକୁ ମିଳୁଛି ଯାହା କି ନିଶ୍ଚିତ ଭାବେ ଏକ ଶୁଭ ଖବର । କିନ୍ତୁ କୋଭିଡ ଟେଷ୍ଟ ସଂଖ୍ୟା ହ୍ରାସ କାରଣରୁ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ସମ୍ଭବ ହେଉଛି କିମ୍ବା ବାସ୍ତବ କ୍ଷେତ୍ରରେ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି ତାହା ଅବଶ୍ୟ ସ୍ପଷ୍ଟ ହେଲେ କାହା ମନରେ ଦ୍ୱନ୍ଦ ରହିବ ନାହିଁ ବୋଲି ମତ ପ୍ରକାଶ ପାଇଛି ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ମୃତିସଭା

କେନ୍ଦ୍ରାପଡ଼ା,୧୨।୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ବାଲିଆ ପ୍ରଶିକ୍ଷଣ ବିଦ୍ୟାଳୟର ପୂର୍ବତନ ପ୍ରଧାନଶୀକ୍ଷକ ତଥା ଶିକ୍ଷା ପ୍ରଶାସକ ସଗର୍ଗ୍ଗତଃ ରାସ ବିହାରୀ ମହାନ୍ତିଙ୍କ ପରଲୋକରେ ଅବସର ପ୍ରାପ୍ତ ସରକାରୀ ସଂଘ ପକ୍ଷରୁ ସ୍ମୃତିସଭା କରାଯାଇଛି । ଅବସର ପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ହେମନ୍ତ କୁମାର ଜେନାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ଭ୍ରମର ରାଉତ,ନୀଳ ମାଧବ ରାଉତ, ନକୁଳ ଚରଣ ବେହେରା, ଦିବାକର ରାଉତ, ଅଲେଖ ପ୍ରସାଦ ଦାସ, ରବିନ୍ଦ୍ର ନାଥ ନାୟକ, ସତ୍ୟାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରର୍ଥନା କରିଥିଲେ ।

# ଅସହାୟ ମହିଳାଙ୍କ ଭତା ଓ ରାସନକାର୍ଡ ପ୍ରଦାନ ଦାବୀ

ନୂଆପଡା,୧୨।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ କେନ୍ଦୁପାଟି ଗ୍ରାମର କେଳି ତାଣ୍ଡି ନାମକ ଅସହାୟ ଅବସ୍ଥାରେ ଜୀବନ ଅତିବାହିତ କରୁଥିବା ବେଳେ ତାଙ୍କୁ ଆହା କରିବାକୁ କେହି ନାହାନ୍ତି । ସେ ଜଣେ ମୂକ ମହିଳା ହୋଇଥିବା ବେଳେ ମାନସିକ ସ୍ଥିତି ଠିକ ରହୁନାହିଁ । ଭଙ୍ଗା ଘରେ ଅସହାୟ ଅବସ୍ଥାରେ ରହିଥିବା ବେଳେ ଆଧାର କାର୍ଡରେ ୫୦ ବର୍ଷ ବୟସ ହୋଇଛି । ତଥାପି ପଂଚାୟତ କର୍ତୃପକ୍ଷ ରାସନ କିମ୍ବା ଭତା ଯୋଜନାରେ ସାମିଲ କରିନାହାନ୍ତି । ଗ୍ରାମ ପଂଚାୟତର ଧନୀ ଶ୍ରେଣୀର ଲୋକେ ଭତା ସହ ରାସନ କାର୍ଡ ହାତେଇଥିବା ବେଳେ କେଳି ତାଣ୍ଡି ଭଳି ଅସହାୟ ଅସହାୟ ମହିଳାଙ୍କ ସକାଶେ ସାତ ସପନ ପାଲଟିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଏହି ଅସହାୟ ମହିଳାଙ୍କୁ ତୁରନ୍ତ ଭତା ପ୍ରଦାନ ସହ ରାସନକାର୍ଡ ଯୋଗାଇ ଦେବାକୁ ଦାବୀ ହେଉଛି ।

# ବିଶିପଡାଠାରେ ଆନ୍ତର୍ଜାତୀୟ କନ୍ୟା ଶିଶୁ ଦିବସ ପାଳିତ

କନ୍ଧମାଳ,୧୨।୧୦ (ନି.ପ୍ର): ଆନ୍ତର୍ଜାତୀୟ କନ୍ୟା ଶିଶୁ ଦିବସ ଆଜି କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ବିଶିପଡା ସ୍ଥିତ ମିଶନ ଶକ୍ତି ସଭାଗୃହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଂଚଳର ପ୍ରାୟ ୪୦ଟି ଶିଶୁ ଯୋଗ ଦେଇ ଥିଲେ । କୋଭିଡ ନିୟମ ଅନୁସାରେ ପାଳିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଶିପଡା ସରପଂଚ ଶ୍ରୀମତୀ ମାନସି ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦେଶରେ ପ୍ରଥମେ ଶିଶୁ କନ୍ୟାମାନେ ହସିଲେ ଦେଶ ହସିବ ବୋଲି କହିବା ସହିତ ଶିଶୁ ମାନଙ୍କର ସୁରକ୍ଷା ପାଇଁ ସମସ୍ତେ ଜତ୍ନବାନ ହେବାକୁ ଆହ୍ୱାନ ଦେଇଛନ୍ତି । ବିଶିପଡାର ପୁର୍ବତନ ସରପଂଚ ଫଗୁଣି ମଲ୍ଲିକ, ଅଙ୍ଗନବାଡି କର୍ମୀ ଯୁବତୀ ପ୍ରଧାନ, ଶାକମ୍ବରୀ କହଁର, ରାଧାରାଣୀ ସାହାଣୀ, ଶିଶୁ କନ୍ୟା ମାନଙ୍କ ତରଫରୁ ଛାତ୍ରୀ କୁମାରୀ ଝୁନୁ ନାୟକ ପ୍ରମୁଖ ଯୋଗ ଦେଇ ଶିଶୁ କନ୍ୟା ମାନଙ୍କର ଅଧିକାର ଓ ସୁରକ୍ଷା ବିଷୟରେ ମତ ଦେଇଥିଲେ । ଚାଇଲ୍ଡ ଲାଇନର କେନ୍ଦ୍ରୀୟ ସଂଯୋଜିକା ରଞ୍ଜିତା କାମ୍ପ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଚାଲ୍ଡ ଲାଇନର ଟିମ୍ ମେମ୍ବର ଶିବଶଙ୍କର ବେହେରା ସ୍ୱାଗତ ଅଭିଭାଷଣ ରଖିଥିଲେ । ଅନୁଷ୍ଠାନର କାଉନସେଲର ସୁପ୍ରଭା ନାୟକ ଓ ଚିକୁନ କୁମାର ପ୍ରଧାନ ଯୋଗ ଦେଇଥିବା ସମସ୍ତଙ୍କୁ ବାଲ୍ୟ ବିବାହକୁ ପ୍ରଶ୍ରୟ ନଦେବାକୁ ଶପଥ ପାଠ କରାଇଥିଲେ । ଶେଷରେ ଟିମ ମେମ୍ବର ଦିଲ୍ଲିପ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

# ବାରିପଦା ପୌରାଂଚଳର ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଂଟନ କାର୍ଯ୍ୟକ୍ରମ ଶୁଭାରମ୍ଭ



ବାରିପଦା,୧୨।୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ଜାଗା ମିଶନ (ଲ୍ୟାଣ୍ଡ ମିଶନ) ଯୋଜନାରେ ବାରିପଦା ପୌରାଂଚଳର ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଂଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ଏହି ଯୋଜନାରେ ଯୋଗ୍ୟ ହୀତାଧିକାରୀ ଭୂମିହୀନ ବସ୍ତି ବାସିନ୍ଦା ମାନଙ୍କୁ ବାସପଯୋଗୀ ଭୂମି ଅଧିକାର ପ୍ରମାଣପତ୍ର (ପଟ୍ଟା) ଯୋଗାଇ ଦେବା ଲକ୍ଷ୍ୟ ନେଇ ରାଜ୍ୟ ସରାକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନାର ସଫଳ ରୂପାୟନ ପାଇଁ ମୟୂରଭଂଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ବାରିପଦା ପୌର ପରିଷଦ ପକ୍ଷରୁ ତା.୧୨.୧୦.୨୦୨୦ରିଖ ପୂର୍ବାହ୍ନରେ ବାରିପଦା ପୌରାଂଚଳର ଭଂଜପୁର ଓ୍ୱାର୍ଡ ନଂ-୨ ସ୍ଥିତ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଏବଂ ଶ୍ରୀପଦ୍ମ ଓ୍ୱାର୍ଡ ନଂ-୧୩ ସ୍ଥିତ ବହୁମୁଖୀ ଆଶ୍ରୟ ସ୍ଥଳଠାରେ ଆୟୋଜିତ ଭୂମିହୀନ ବସ୍ତିବାସିନ୍ଦାଙ୍କ ପାଇଁ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ସମ୍ମାନିତ ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଯୋଗଦେଇ ଭୂମି ଅଧିକାର ଯୋଗ୍ୟତା ପ୍ରମାଣ ପତ୍ର ବଂଟନ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହିତ ଭୂମିହୀନ ବସ୍ତିବାସିନ୍ଦା ଯୋଗ୍ୟ ହୀତାଧିକାରୀମାନଙ୍କୁ ଭୂମି ଯୋଗ୍ୟତା ପ୍ରମାଣ ପତ୍ର ବଂଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଓଡିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଜାଗା ମିଶନ ଯୋଜନାରେ ବିଶେଷ କରି ସହରାଂଚଳରେ ବସବାସ କରୁଥିବା ସମସ୍ତ ଭୂମିହୀନ ବସ୍ତି ବାସିନ୍ଦା ମାନଙ୍କୁ ବାସପଯୋଗୀ ଭୂମି ଅଧିକାର ଯୋଗ୍ୟତା ପ୍ରମାଣ ପତ୍ର (ପଟ୍ଟା) ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିବା ଉଲ୍ଲେଖ କରିବା ସହିତ ଏହି ଯୋଜନା କାର୍ଯ୍ୟକ୍ରମ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ପୌର ପରିଷଦ ପ୍ରଶାସନ ପ୍ରତେକ୍ଷ୍ୟ ତତ୍ୱାବଧାନରେ ସହରାଂଚଳର ପ୍ରଥମ ପର୍ଯ୍ୟାୟରେ ୪୮୧୭ ଜଣ ଭୂମିହୀନ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଭୂମି ଅଧିକାର ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରାଯାଉଥିବା ପ୍ରଶଂସା କରିଥିଲେ । ରାଜସ୍ୱ ମନ୍ତ୍ରୀ ଆହୁରି କହିଲେ ଯେ, ସହରାଂଚଳ ଭୂମିହୀନମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ କାରଯାଇଥିବା ଏପରି ଏକ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରିତା ଦ୍ୱାରା ହିତାଧିକାରୀ ମାନଙ୍କ ଜୀବନଧାରଣ ମାନ ଉନ୍ନତି ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବାରିପଦା ବିଧାୟକ ଶ୍ରୀ ସୋରେନ ସହରାଂଚଳ ବସ୍ତି ବାସିନ୍ଦା ଗରିବ ଭୂମିହୀନ ପରିବାର ଏହି ଯୋଜନାରେ ବିଶେଷ ଉପକୃତ ହୋଇ ପାରିବେ ବୋଲି ପ୍ରକାଶ କରିବା ସହିତ ବାରିପଦା ସହରାଂଚଳର ସମସ୍ତ ଭୂମିହୀନମାନଙ୍କୁ ବାସପଯୋଗୀ ଭୂମି ପର୍ଯ୍ୟାୟକ୍ରମେ ଯୋଗାଇ ଦେବା ଦିଗରେ ପୌରପ୍ରଶାସନ ପକ୍ଷରୁ ବିହୀତ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ସାଧୁବାଦ୍ ଜଣାଇବା ସଂଗେସଂଗେ ପ୍ରର୍ଯ୍ୟାୟ କ୍ରମେ ବାସପଯୋଗୀ ଭୂମି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପ୍ରଶାସନ ତତ୍ୱାବଧାନରେ ବାରିପଦା ପୌରପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୟୂରଭ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ,ଭା.ପ୍ର.ସେ. ବାରିପଦା ଉପଜିଲ୍ଲାପାଳ ତଥା ପୌରନିର୍ବାହୀଧିକାରୀ ପି.ଅନ୍ୱେଶା ରେଡ୍ଡି ଭା.ପ୍ର.ସେ. ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମ ସୁପରିଚାଳିତ ହୋଇଥିଲା। ସୂଚନା ଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଯୋଜନା ଜାଗା ମିଶନ ଯୋଜନାରେ ବାରିପଦା ପୌରାଂଚଳର ସମସ୍ତ ଓ୍ୱାର୍ଡରେ ଥିବା ୪୬ଟି ବସ୍ତି ଅଂଚଳରେ ବସବାସ କରୁଥିବା ଭୂମିହୀନ ପରିବାରମାନଙ୍କୁ ସତନ୍ତ୍ର ଚିହ୍ନଟ ଅଭିଯାନ କାର୍ଯ୍ୟକ୍ରମ ଦ୍ୱାରା ୭୬୨୫ ଜଣ ଚିହ୍ନଟ କରାଯାଇଥିବାବେଳେ ସେଥିରୁ ୪୮୧୭ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ବାସପଯୋଗି ଭୂମି ଅଧିକାର ଯୋଗ୍ୟତା ପ୍ରମାଣ ପତ୍ର ବଂଟନ କାର୍ଯ୍ୟ ତ୍ୱରାନିତ କରାଯାଉଥିବାବେଳେ ଆଜିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ୧୧୨୧ ଜଣଙ୍କୁ ଭୂମି ଯୋଗ୍ୟତା ପ୍ରମାଣପତ୍ର ବଂଟନ କରାଯାଇଥିଲା। ପରବର୍ତୀ ପର୍ଯ୍ୟାୟକ୍ରମେ ଅନ୍ୟ ସମସ୍ତ ଯୋଗ୍ୟ ହୀତାଧିକାରମାନଙ୍କୁ ଭୂମି ପ୍ରମାଣ ପତ୍ର ଯୋଗାଇ ଦେବାର ବ୍ୟବସ୍ଥା କାର୍ଯ୍ୟକ୍ରମକୁ ତ୍ୱରାନିତ କରାଯାଉଅଛି। ଏହାଦ୍ୱାରା ଭୂମିହୀନ ବସ୍ତିବାସିନ୍ଦାମାନେ ବାସପଯୋଗୀ ଜାଗା ପାଇବା ସହିତ ଆବାସ ଯୋଜନାରେ ଘର, ପାଇଖାନା, ପାନୀୟ ଜଳ, ରାସ୍ତା ତଥା ସର୍ବପରି ଜୀବନଜୀବିକା ନିର୍ବାହ ଆଦି ଆନୁସଙ୍ଗିକ ସୁବିଧା ସୁଯୋଗ ପାଇପାରିବାର ବ୍ୟବସ୍ଥା ରହିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଜାଗା ମିଶନ ଯୋଜନା ରାଜ୍ୟର ବିଚ୍ଛାପତ ଅଂଚଳ ଏବଂ ପୌରାଂଚଳର ବସ୍ତିବାସିନ୍ଦାଙ୍କ କଲ୍ୟାଣ ପାଇଁ ଉଦିଷ୍ଟଥିବା ଏହି ଯୋଜନା ସମଗ୍ର ରାଜ୍ୟରେ ପ୍ରଥମ ହୋଇଥିବାବେଳେ ଏହା ବିଶ୍ୱର ସର୍ବବୃହତ୍ ଯୋଜନା ଭାବେ ପରିଗଣିତ ହୋଇଛି। ଉକ୍ତ ଅନୁଷ୍ଠିତ ଭୂମିଅଧିକାର ଯୋଗ୍ୟତା ପ୍ରମାଣ ପତ୍ର ବଂଟନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ହିତାଧିକାରୀ ମାନେ ଯୋଗ ଦେଇ ପ୍ରମାଣ ପତ୍ର ଗ୍ରହଣ କରିଥିଲେ। ବାରିପଦା ପୌରପାଳିକା ସଂପୃକ୍ତ ବିଭାଗ କ୍ଷେତ୍ର ଅଧିକାରୀ ତଥା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବତନ ବାଚସ୍ପତି ଶରତ କରଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୧୨।୧୦ (ନି.ପ୍ର): ବିଶିଷ୍ଟ ରାଜନୈତିଜ୍ଞ ତଥା ପୂର୍ବତନ ବାଚସ୍ପତି, ମନ୍ତ୍ରୀ ଓ ସାଂସଦ ଶରତ କରଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ସ୍ୱର୍ଗତଃ କର ଜଣେ ଦକ୍ଷ ସଙ୍ଗଠକ ଏବଂ ଲୋକପ୍ରିୟ ଜନନେତା ଭାବେ ବେଶ ଜଣାଶୁଣା ଥିଲେ । ସବୁ ସମୟରେ ସେ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେଉଥିଲେ । ସେ ଥରେ ସାସଂଦ ଏବଂ ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ରାଜନୀତି ବ୍ୟତୀତ ସାହିତ୍ୟିକ ଓ ସ୍ତମ୍ଭକାର ଭାବେ ସେ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ବିୟୋଗ ରାଜ୍ୟ ରାଜନୀତିରେ ଏକ ଅପୂରଣୀୟ କ୍ଷତି । ସ୍ୱର୍ଗତଃ କରଙ୍କ ବିୟୋଗରେ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ଅତ୍ୟନ୍ତ ମର୍ମାହତ ବୋଲି କହିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ଆନ୍ଧ୍ର-ଓଡ଼ିଶାର ଲାଇଫ ଲାଇନ କୁହାଯାଉଥିବା ରାୟଗଡ଼ା ଝାବତି ନଦୀ ବ୍ରିଜ ନିର୍ମାଣ ଅବଧି ସରି ୩ ବର୍ଷ ବିତିଗଲାଣି : ସରିପାରୁନି ବ୍ରିଜ ନିର୍ମାଣ

ରାୟଗଡ଼ା ,୧୨।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ମହକୁମାକୁ ଆନ୍ଧ୍ରପ୍ରଦେଶ ସହ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଏକ ମାତ୍ର ପ୍ରମୁଖ ଝାବତୀ ନଦୀ ବ୍ରିଜ ଯାହାକି ଉଭୟ ରାଜ୍ୟ ପାଇଁ ଲାଇଫ ଲାଇନ ବୋଲି କୁହାଯାଉଛି ହେଲେ ତାହାର ନିର୍ମାଣ ଅବଧି ଶେଷହୋଇ ତିନିବର୍ଷ ବିତିଯାଇଥିଲେ ସୁଦ୍ଧା ଅଧାରେ ଝୁଲୁଛି ରାୟଗଡ଼ା ଝାବତୀ ନଦୀ ଉପର ବ୍ରିଜ ନିର୍ମାଣ କାର୍ଯ୍ୟ। ଠିକାଦରଙ୍କୁ ପୂର୍ତ୍ତ ବିଭାଗର ଅହେତୁକ ଅନୁକମ୍ପା ଯୋଗୁଁ ନିର୍ମାଣ କାର୍ଯ୍ୟ ଡେରି ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାୟଗଡ଼ାରୁ ଆନ୍ଧ୍ରପ୍ରଦେଶ ସହ ଯୋଗାଯୋଗର ଏକମାତ୍ର ମାଧ୍ୟମ ହୋଇଥିବା ଝାବତୀ ନଦୀ ଉପରେ ନିର୍ମାଣଧିନ ବ୍ରିଜ ଏବେ ଅଧାପନ୍ତରିଆ ଅବସ୍ଥାରେ ପଡ଼ିଛି। ପ୍ରସ୍ତାବିତ ୬୨ମିଟର ଲମ୍ବର ଏହି ବ୍ରିଜଟି ଧାର୍ଯ୍ୟ ଅବଧି ଶେଷ ହୋଇ ତିନିବର୍ଷ ବିତିଯାଇଥିଲେ ସୁଦ୍ଧା ଠିକଦାରଙ୍କ ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଯୋଗୁଁ ବର୍ତ୍ତମାନ ଯାଏଁ ଶେଷ ହୋଇପାରୁ ନାହିଁ। ତେବେ ଠିକାଦରଙ୍କୁ ପୂର୍ତ୍ତ ବିଭାଗର ଅହେତୁକ ଅନୁକମ୍ପା ଯୋଗୁଁ ନିର୍ମାଣ କାର୍ଯ୍ୟ ଡେରି ହେଉଥିବା ସ୍ଥନୀୟ ଲୋକଙ୍କ ମଧ୍ୟରେ ଅଭିଯୋଗ ହେଉଛି ।ବିଗତ ୨୦୧୬-୧୭ ରାଜ୍ୟ ସରକାରଙ୍କ ଯୋଜନା ଅଧୀନରେ ଏପ୍ରିଲ ୧୫ରେ ଆନ୍ଧ୍ର ଠିକଦାରଙ୍କୁ ନିର୍ମାଣ ସକାଶେ ୧୦କୋଟି ୩୪.୪୭ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ଟେଣ୍ଡର ପ୍ରଦାନ କରଯାଇଥିଲା। ନିର୍ମାଣ କାର୍ଯ୍ୟ ଆରମ୍ଭଠୁ ଏକବର୍ଷ ମଧ୍ୟରେ ଅର୍ଥାତ ୨୦୧୮ ମସିହା ଏପ୍ରିଲ ମାସ ୧୪ ତାରିଖ ଦିନ ଏହି ବ୍ରିଜ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିବାକୁ ବିଭାଗ ପକ୍ଷରୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା ।ଅନ୍ୟପକ୍ଷେ ବର୍ତ୍ତମାନ ଓଡ଼ିଶା ଓ ଆନ୍ଧ୍ରକୁ ଯୋଡୁଥିବା ଏକମାତ୍ର ବ୍ରିଟିଶ ଅମଳ ବ୍ରିଜ ପ୍ରାୟ ୧୦୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବାରୁ ଏହାକୁ ସମୟନୁକ୍ରମେ ମରାମତି କରାଯାଇ ନଥିବାରୁ ଏହା ବିପଦ ସଙ୍କୁଳ ହୋଇପଡିଛି । ଶିଳ୍ପାଞ୍ଚଳ ଜିଲ୍ଲା ରାୟଗଡ଼ାକୁ ପଡୋଶୀ ଆନ୍ଧ୍ର ସହ ଯୋଡିବା ପାଇଁ ଏହା ଏକମାତ୍ର ଲାଇଫ ଲାଇନ ବା ମାଧ୍ୟମ ହୋଇପଡିଛି। ଜିଲ୍ଲାରେ ପ୍ରତିଷ୍ଠିତ ବୃହତ ଶିଳ୍ପ ପ୍ରତିଷ୍ଠାନଗୁଡିକ କଞ୍ଚାମାଲ ପରିବହନ ସକାଶେ ଉକ୍ତ ବ୍ରିଜଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏ ନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଯମୁନା ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ବ୍ରିଜର ନକ୍ସା ପରିବର୍ତ୍ତନ ହୋଇଥିବାରୁ ଠିକାସଂସ୍ଥା ଏଥିନେଇ ବ୍ୟୟ ଅଟକଳ ପରିବର୍ତ୍ତନ କରାଯିବା ପାଇଁ ଦାବି କରିଛନ୍ତି। ବିଭାଗ ପକ୍ଷରୁ ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବଶିଘ୍ର ବ୍ରିଜ ନିର୍ମାଣ କାମ ତ୍ୱରାନ୍ୱିତ କରାଯିବ ବୋଲି ଯନ୍ତ୍ରୀ ବେହେରେ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ପ୍ରଶାସନ ଏହି ବ୍ରିଜ ନିର୍ମାଣ କାର୍ଯ୍ୟର ତ୍ୱରାନିତ ପାଇଁ କି ପ୍ରକାର ପଦକ୍ଷେପ ନେଉଛନ୍ତି ଆଉ କେବେ ଏହି ବ୍ରିଜ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି ତାହା ଏବେ ଦେଖିବାକୁ ବାକି ରହିଲା।



## ବିଜେପି କାର୍ଯ୍ୟାଳୟରେ ରାଜମାତା ବିଜୟାରାଜେ ସିନ୍ଧିଆଙ୍କ ଜନ୍ମ ଶତବାର୍ଷିକ ପାଳିତ

ଭୁବନେଶ୍ୱର,୧୨।୧୦ (ନି.ପ୍ର): ରାଜମାତା ବିଜୟାରାଜେ ସିନ୍ଧିଆଙ୍କ ୧୦୧ତମ ଜନ୍ମ ଜୟନ୍ତୀ ଏବଂ ଜନ୍ମ ଶତବାର୍ଷିକ ସମାରୋପ ଦିବସ ଅବସରରେ ରାଜ୍ୟ ବିଜେପି ପକ୍ଷରୁ ରାଜମାତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହ ତାଙ୍କ ତ୍ୟାଗ ବଳୀଦାନର ଗାଥାକୁ ଦଳର ନେତୃବୃନ୍ଦ ସ୍ମରଣ କରିଛନ୍ତି । ରାଜମାତା ମଧ୍ୟପ୍ରଦେଶ ଠାରେ ୧୨ ଅକ୍ଟୋବର ୧୯୧୯ ମସିହାରେ ଜନ୍ମ ହୋଇଥିଲେ । ଶ୍ରୀମତୀ ସିନ୍ଧିଆ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ସଦସ୍ୟା ଥିଲେ । ଭାରତର ରାଜନୀତିରେ ସେ ଜଣେ ଆଦର୍ଶ ମହିଳା ଥିଲେ । ରାଜମାତା ଅତି ସରଳ ସ୍ୱଭାବର ଥିଲେ । ସମାଜ ପାଇଁ ସେ ନିଜକୁ ଉତ୍ସର୍ଗୀକୃତ କରିଥିଲେ । ପୂର୍ବରୁ ଜନସଂଘ ବିଚାରଧାରା ରହି ସେ କାର୍ଯ୍ୟ କରୁଥିଲେ । ରାଜମାତା ବଂଚିତ, ଶୋଷିତ ଏବଂ ଦୁର୍ବଳ ଶ୍ରେଣୀର ମହିଳାଙ୍କ ଉତଥାନ ପାଇଁ ଲଢେଇ କରିଥିଲେ । ତୃଣମୂଳସ୍ତରରେ ବିଶେଷ କରି ମହିଳାଙ୍କ ପାଇଁ ସେ ସର୍ବଦା ଚିରସ୍ମରଣୀୟ ହୋଇ ରହିବେ । ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ସମୟରେ ଲାଗିଥିବା ଆପାତ କାଳୀନ ପରିସ୍ଥିତିରେ ସେ କଂଗ୍ରେସର କଳା ଆଇନକୁ ବିରୋଧ କରିଥିଲେ । ରାଜମାତାଙ୍କ ନିସ୍ୱାର୍ଥପରତା, ତ୍ୟାଗ ଓ ବଳୀଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିବା ସହ ତାଙ୍କ ବିଚାରଧାରାକୁ ନେଇ କାର୍ଯ୍ୟକରିବା ପାଇଁ ଆହ୍ୱାନ ଦେଇଥିଲେ । ଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ରାଜମାତାଙ୍କ ଜନ୍ମ ଜୟନ୍ତୀ ଅବସରରେ ଏକ ଭର୍ଚୁଆଲ ସମାବେଶରେ ୧୦୦ ଟଙ୍କିଆ ମୁଦ୍ରା ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି । ରାଜମାତାଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ବିରୋଧୀ ଦଳ ସଚେତକ ମୋହନ ମାଝୀ, ରାଜ୍ୟ ସଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ସଜ୍ଜନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ରାଜମାତାଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଛି ।

## ଗାଡିଆରେ ବୁଡି ବୃଦ୍ଧା ମୃତ



ନୀଳଗିରି,୧୨।୧୦ (ନି.ପ୍ର): ବାଉଁଶବଣିଆ ଗ୍ରାମର ଜନୈକା ମହିଳା ଗଡିଆକୁ ବେଲା ଧୋଇବାକୁ ଯାଇଥିବା ବେଳେ ଅସାବଧାନତା ହେତୁ ଗୋଡ ଖସିଯିବାରୁ ପାଣିରେ ବୁଡି ମୃତ୍ୟୁ ହୋଇଥିବା ଜଣାପଡିଛି। ଏନେଇ ନୀଳଗରି ଥାନାରେ ୪୬/୨୦ ଏକ ଅପମୃତ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡିଛି। ସୂଚନା ଅନୁଯାୟି ନୀଳଗିରି ଥାନା ଅଧିନସ୍ଥ ବାଉଁଶବଣିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ସରସ୍ୱତୀ (୬୫) ଆଜି ସକାଳ ୭ଟା ସମୟରେ ନିଜ ଗଡିଆକୁ ବାସନ ଧୋଇବା ପାଇଁ ଯାଇଥିବା ବେଳେ ଏପରି ଅଘଟଣ ଘଟିଥିଲା। କିଛି ସମୟ ପରେ ସରସ୍ୱତୀ ଘରକୁ ନଫେରିବାରୁ ତାଙ୍କ ପୁତ୍ରବୋଧୁ ଗଡିଆକୁ ଯାଇଥିଲେ। ଶାଶୁ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ କହିଥିଲେ। ସଂଗେ ସଂଗେ ତାଙ୍କୁ ୧୦୮ ଯୋଗେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା କ୍ଷଣି ତାଙ୍କ ପରିବାର ଓ ଗାଁରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ମହିଳା ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନବୀନଙ୍କ ନିଷ୍ପତ୍ତିକୁ ...

ଅଟଳ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଜେଡ଼ିର ଅନ୍ୟ ଏକ ଗୋଷ୍ଠୀ ସୂତ୍ରରୁ ଜଣାପଡ଼ିଛି ଯେ, ରବୀନ୍ଦ୍ର ଜେନାଙ୍କ ଇସାରାରେ ଦଳୀୟ କର୍ମୀଙ୍କୁ ଏକଜୁଟ କରାଯାଇଛି। କର୍ମୀମାନେ ତାଙ୍କ ସପକ୍ଷରେ ଆସି ଯୁକ୍ତି ବାଢୁଛନ୍ତି। ଶ୍ରୀ ଜେନା ତ ଜିଲ୍ଲା ସଭାପତି ଅଛନ୍ତି। ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଶ୍ରୀ ଦାସ ତ ତାଙ୍କର ସହଯୋଗୀ। ଯଦି ଶ୍ରୀ ଜେନା ନିଜେ କିମ୍ବା ତାଙ୍କ ପତ୍ନୀଙ୍କ ପାଇଁ ଟିକେଟ ଚାହୁଁଥିଲେ ତାହା ସେ ଭୁବନେଶ୍ୱରରେ ବିରୋଧ କରିପାରିଥାନ୍ତେ। ଏବେ ଦଳ ନିର୍ବାଚନକୁ ଯିବାକୁ ବସିଥିବାବେଳେ କର୍ମୀମାନଙ୍କୁ ଏକଜୁଟ କରି ଦଳ ଭିତରେ ବାଲେଶ୍ୱରରେ କିଛି ଠିକ୍ ନାହିଁ ବୋଲି ଦର୍ଶାଇବାର ମାନେ କ'ଣ ? ଏଭଳି କରି ପରୋକ୍ଷରେ ବିଜେଡ଼ି ସୁପ୍ରିମୋଙ୍କ ନିଷ୍ପତ୍ତିକୁ ଶ୍ରୀ ଜେନା ଓ ତାଙ୍କ ସମର୍ଥକମାନେ ଚ୍ୟାଲେଂଜ କରିଛନ୍ତି। ଯାହାକି ଦଳ ପାଇଁ ଶୁଭଙ୍କର ନୁହେଁ। ଉପନିର୍ବାଚନ ପ୍ରାର୍ଥୀତ୍ୱକୁ ନେଇ ଦଳୀୟ ନେତୃବୃନ୍ଦ ଏକପାଖିଆ ଭାବେ ନିଷ୍ପତ୍ତି ନେବା ମଧ୍ୟ ଅନୁଚିତ୍। ସମସ୍ତଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବା ବଦଳରେ କିଛି ଅନଭିଜ୍ଞ ନେତାଙ୍କ ଜିଦ୍ ପାଇଁ ଏବେ ବାଲେଶ୍ୱରରେ ବିଜେଡ଼ି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପୂର୍ବରୁ ଅସ୍ତ୍ରତ୍ୟାଗ କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା।

### ବିଜେପିର ପ୍ରଚାର...

ରହିବ ରଘୁନାଥଙ୍କ ଉପରେ। ୨୦୧୪ ନିର୍ବାଚନରେ ଟିକେଟରୁ ବଂଚିତ ହେବାପରେ ୨୦୧୯ ନିର୍ବାଚନରେ ଶ୍ରୀ ମହାନ୍ତି ବିଜେପିରୁ ପ୍ରାର୍ଥୀ ହୋଇଥିଲେ। ଗତ ସାଧାରଣ ନିର୍ବାଚନରେ ବିଜେପିରେ ସାମିଲ ହୋଇ ବସ୍ତା ଆସନରୁ ଲଢ଼ିଥିଲେ ରଘୁନାଥ ମହାନ୍ତି, ହେଲେ ନିର୍ବାଚନରେ ସେ ପରାଜିତ ହୋଇଥିଲେ। ଏଥର ଉପନିର୍ବାଚନ ପାଇଁ ବିଜେପି ପକ୍ଷରୁ ଆୟୋଜିତ କରାଯାଇଥିବା କୌଣସି ଦଳୀୟ ବୈଠକରେ ରଘୁନାଥ ଯୋଗ ଦେଇନଥିଲେ। ଏହାରି ଭିତରେ ତାଙ୍କୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଥିବାବେଳେ ଆଜି ତାହାର ଅନ୍ତ ଘଟିଛି। ଆଜି ବିଜେପି ରଘୁନାଥ ମହାନ୍ତିଙ୍କୁ ବାଲେଶ୍ୱର ସଦର ଉପନିର୍ବାଚନର ଗୁରୁ ଦାୟିତ୍ୱ ଦେଇଛି।

### ଗଭୀର ଅବପାତରେ...

ପୁରୀ ଏବଂ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦ୍‌ବ୍ୟତୀତ ଓଡ଼ିଶା ଉପକୂଳରେ ଘଂଟାପ୍ରତି ୪୫- ୫୫ କିଲୋମିଟର ବେଗରେ ପବନ ବୋହିବା ସହ ସମୁଦ୍ର ଜୁଆରିଆ ରହିବ। ତେଣୁ ୧୩ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନଯିବା ପାଇଁ ଧୀବରମାନଙ୍କୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ ।ସ୍ଥିତିକୁ ଦୃଷ୍ଟିରେ ରଖି ଗୋପାଳପୁର ବନ୍ଦରରେ ୩ ନଂ ବିପଦ ସଙ୍କେତ ଦିଆଯାଇଥିବା ବେଳେ ଅନ୍ୟ ସମସ୍ତ ବନ୍ଦରରେ ୧ ନଂ ବିପଦ ସଙ୍କେତ ଜାରି କରାଯାଇଛି।

### ରାଜ୍ୟରେ ଆଉ ୧୮ ଜଣଙ୍କର...

ଜଣେ ୮୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ଯାଜପୁର ଜିଲ୍ଲାର ଜଣେ ୨୮ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୪୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୮୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ନବରଂଗପୁରା ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୫୩ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାରେ ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୩୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି ।

### ପୂର୍ବତନ ବାଚସ୍ପତି ....

୧୯୬୪ ମସିହାରେ ସେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ରାଜନୀତିରେ ପାଦ ଥାପିଥିଲେ। ବିଜୁ ପଟ୍ଟନାୟକଙ୍କ ସହଯୋଗୀ ଭାବେ ଶେଷ ଯାଏ କାମ କରିଥିଲେ। ସେ ଷଷ୍ଠ ଲୋକସଭା ୧୯୭୭ରୁ ୮୦ ପର୍ଯ୍ୟନ୍ତ ସଦସ୍ୟ ଥିଲେ । ସେ ତିନିଥର (୨୦୦୦- ୦୪, ୧୯୯୦- ୯୫ ଏବଂ ୧୯୭୧-୭୪) ମହଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୧ ମସିହାରେ ବିଶ୍ୱନାଥ ଦାସଙ୍କ ନେତୃତ୍ୱାଧୀନ ମିଳିତ ସରକାରରେ ସେ ଶିକ୍ଷା ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଥିଲେ। ସ୍ୱର୍ଗତ କର ୧୯୭୭ ମସିହାରେ କଟକ ଲୋକସଭା ଆସନରୁ ଜନତା ପାର୍ଟି (ଲୋକଦଳ) ସାଂସଦ ଭାବରେ ନିର୍ବଚିତ ହୋଇଥିଲେ। ସେ ୧୦ ମାର୍ଚ୍ଚ ୨୦୦୦ ରୁ ୨୧ ମେ' ୨୦୦୪ ପର୍ଯ୍ୟନ୍ତ ଦ୍ୱାଦଶ ବିଧାନସଭାର ବାଚସ୍ପତି ଥିଲେ। କେବଳ ଜଣେ ରାଜନେତା ନୁହନ୍ତି ଜଣେ ଉଚ୍ଚକୋଟୀର ସାହିତ୍ୟିକ ଭାବେ ମଧ ଶ୍ରୀ କରଙ୍କର ଯଥେଷ୍ଟ ସୁନାମ ରହିଥିଲା। ସେ ଚାରିଟି କବିତା ପୁସ୍ତକ, ଗୋଟିଏ ଆଧ୍ୟାତ୍ମିକ ପୁସ୍ତକ ରଚନା କରିଛନ୍ତି। ସେ ଗତ ୪୫ ବର୍ଷ ଧରି ଆକାଶବାଣୀ, ଦୂରଦର୍ଶନ ଏବଂ ଘରୋଇ ଟିଭି ଚ୍ୟାନେଲରେ ଜଗନ୍ନାଥଙ୍କ ରଥ ଯାତ୍ରାର ଧାରା ବିବରଣୀ ପ୍ରଦାନ କରୁଥିଲେ। ସ୍ୱର୍ଗତ କରଙ୍କ ପତ୍ନୀ ଅନିମା ମିଶ୍ର କର, ଇଂରାଜୀ ସାହିତ୍ୟର ଜଣେ ଅବସରପ୍ରାପ୍ତ ପ୍ରଫେସର। ବଡ଼ପୁଅ ସୁମନ କର ମଧ ଇଂରାଜୀରେ ଅଧ୍ୟାପକ। ସାନପୁଅ ସୋଭନ୍ କର ଜଣେ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଏବଂ ସେ ନୂଆଦିଲ୍ଲୀରେ ଭାରତ ସରକାରଙ୍କ ଅଧୀନରେ ଏବେ କାର୍ଯ୍ୟରତ ଅଛନ୍ତି।

### ଉତ୍କ୍ଷେପଣର ୮ ମିନିଟ...

ଏହା ୨୦୦ରୁ ୩୦୦ କିଲୋଗ୍ରାମର ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଶେଷଥର ପାଇଁ ଏହା ୨୦୧୯ ମସିହା ଏପ୍ରିଲ ୧୫ ତାରିଖରେ ପରୀକ୍ଷା କରାଯାଇଥିଲା। ଏହା ଥିଲା ନିର୍ଭୟର ଷଷ୍ଠ ବ୍ୟବହାରିକ ପରୀକ୍ଷଣ ଓ ଏହା ସଫଳ ମଧ ହୋଇଥିଲା।

### ଗୁହାରୀ ଶୁଣିଲେନି ...

ଧରି ଯାତାୟତ ନିମନ୍ତେ ରହିଥିବା ସମସ୍ୟା ଦୂର ହୋଇଛି ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି ଉଲ୍ଲେଖଯୋଗ୍ୟ, କଲ୍ୟାଣସିଂହପୁର ବ୍ଲକ ନାଗାବଳୀ ନଦୀ ଅପରପାଶ୍ୱର୍ରେ ଅନେକ ଗ୍ରାମ ରହିଛି । ତେବେ ସର୍ବଦା ନଦୀରେ ଗଭୀର ପାଣି ପ୍ରବାହିତ ହେଉଥିବାରୁ ଲୋକଙ୍କ ଗମନା ଗମନରେ ବାଧା ସୃଷ୍ଟି ହେଉଥିଲା । ରୋଗୀଙ୍କୁ ଗାଁରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବିଧାୟକ ଓ ସାଂସଦଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ଅବଗତ କରାଇଥିଲେ ଗ୍ରାମବାସୀ ହେଲେ ମଧ ଏହାର ଫଳ ଶୂନ୍ୟ । କୌଣସି ଉପାୟ ନପାଇ ଶେଷରେ ନଦୀର ଦୁଇପାରିରେ ଲୁହା ଦଉଡି ବାନ୍ଧି ଜୀବନକୁ ବାଜି ଲଗାଇ ଉଚ୍ଛୁଳା ନଦୀ ପାର ହେଉଥିଲେ ଗ୍ରାମବାସୀ । । ପରିଶେଷରେ ସରକାରଙ୍କ ଠାରୁ ନିରାଶୟ ହୋଇ ଗ୍ରାମବାସୀମାନେ ଜଙ୍ଗଲରୁ କାଠ ଓ ବାଉଁଶ ସଂଗ୍ରହ କରି ଆଜି ଗୋଟିଏ ଦିନରେ କାଠପୋଲ ନିର୍ମାଣ କରି ସ୍ୱାଭିମାନ ହୋଇପାରିଛନ୍ତି ୮ଖଣ୍ଡ ଗ୍ରାମବାସୀ । ପୋଲ ନିର୍ମାଣ ପରେ ଏହାର ଉଦଘାଟନ ମଧ ଗ୍ରାମବାସୀମାନେ ନିଜେ କରିଥିଲେ । ଆଉ ଏହି ପୋଲ ନିର୍ମାଣ ଦ୍ୱାରା ଅନେକ ଦିନର ସମସ୍ୟା ସମାଧାନ ହୋଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଯଦି ସରକାର ଚାହିଁବେ ତେବେ ଗୋଟିଏ ସ୍ଥାୟୀ ପୋଲ ଏଠାରେ ନିର୍ମାଣ କରିବାକୁ ଆଗଭର ହୁଅନ୍ତୁ ବୋଲି ନିଜ ପ୍ରତିକ୍ରିୟାରେ ଗ୍ରାମବାସୀମାନେ କହିଛନ୍ତି । ଏ ସମ୍ପର୍କରେ ଅନୁସୂଚିତ ଜାତି ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି ଯେ, ତଳସାଜା ଉପରସାଜାକୁ ମୁଖ୍ୟରସ୍ତା ସହ ଯୋଡିବା ପାଇଁ ପୋଲ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ବିଭାଗ ସହ ଆଲୋଚନା ଏବଂ ଯୋଜନା ମଧ ସରିଛି । ଯଥାଶୀଘ୍ର ଆକଳନ ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି ।

### ଡିଆଇଇଟିର ୫ କିମି ...

ଏବେ ପ୍ରାୟତଃ ସବୁ ପରୀକ୍ଷା କୋଭିଡ୍-୧୯ ମାର୍ଗଦର୍ଶିକା ଅନୁପାଳନ କରି ଅଫ୍ ଲାଇନ୍‌ରେ ପରିଚାଳନା କରାଯାଉଛି। ଏହି ପରିପ୍ରେକ୍ଷୀରେ ସମସ୍ତ ପରୀକ୍ଷାର୍ଥୀଙ୍କ ଅଫ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ପରିଚାଳନା କରିବାରେ ସହଯୋଗ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଯେ ପରୀକ୍ଷାର୍ଥୀମାନେ ଅକ୍ଟୋବର ୧୮ ତାରିଖ ସୁଦ୍ଧା ପରୀକ୍ଷାର୍ଥୀମାନେ ଅପ୍‌ସନ୍ ଦେଇପାରିବେ । ବୈଠକରେ ବୋର୍ଡ ଅଫ୍ ସେକେଣ୍ଡାରୀଏଜୁକେସନ୍‌ର ଅଧକ୍ଷ ଶ୍ରୀ ରାମାସିସ୍ ହାଜ୍‌ରା ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କଂଗ୍ରେସ ଓ ଭାଜପା କର୍ମୀ ସାମିଲ ହେଲେ ବିଜେଡିରେ

ଗୁଣପୁର,୧୨।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଟାଉନ ହଲଠାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ବିଜେପି ଓ କଂଗ୍ରେସର ଶତାଧିକ କର୍ମୀ ମାନେ ଯୋଗ ଦେଇଥିଲେ । ବିଜେଡି ଜିଲ୍ଲା ସଭାପତି ତଥା ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବ୍ୱାର୍ଡର ଅଧକ୍ଷ ସୁଧୀର ଦାସ, ବିଧାୟକ ରଘୁନାଥ ଗମାଙ୍ଗ ଓ ବିଜେଡି ଜିଲ୍ଲାର ସହ ସମ୍ପାଦକ ଗଗନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଗୁଣପୁର କଂଗ୍ରେସ ଓ ରାମାନାଗୁଡା ବିଜେପିର ଶତାଧିକ କର୍ମୀ ମାନେ ବିଜେଡିରେ ସାମିଲ ହୋଇଥିଲେ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ କାର୍ଯ୍ୟ ରେ ଅନୁପ୍ରାଣିତ ହୋଇ ଶତାଧିକ କର୍ମୀ ମାନେ ବିଜେଡି ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ । ସେହିପରି ପୌର ପରିଷଦ ନିର୍ବାଚନ ପାଇଁ ବେଶ ସହାୟକ ହେବ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ବିଜୁ ଛାତ୍ର ଯୁବ ସଭାପତି ବିଷ୍ଣୁ ପଣ୍ଡାଙ୍କ ପ୍ରମୁଖ ଭୂମିକାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଗୁଣପୁର କଂଗ୍ରେସର ଯୁବନେତା ଗୌତମ ବିଶୋଇଙ୍କ ସମେତ କଂଗ୍ରେସର ବହୁ କର୍ମ ଏବଂ ରାମାନାଗୁଡା ବ୍ଲକର ବିଜେପି ସଭାପତି ସୟ ପ୍ରଧାନଙ୍କ ସମେତ ବହୁ କର୍ମୀ ମାନେ ବିଜେଡିରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ ତଥା ବିଜେଡି ନେତା ଦେବୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରିଣ୍ଟୁ ଦାସ,ଦିପୁନ ଗୌଡ଼, ସାନ ବାଉରୀ, ପଞ୍ଚା ଚୌଧୁରୀଙ୍କ ସମେତ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।

ମଙ୍ଗଳବାର, ୧୩ ଅକ୍ଟୋବର ୨୦୨୦


ଧ୍ୱନି ପ୍ରତିଧ୍ୱନି



# ଡିଆଇଇଟିର ୫ କିମି ମଧରେ ହେବ ଡି.ଇଏଲ୍.ଇଡି ପରୀକ୍ଷା ସେଂଟର

ଭୁବନେଶ୍ୱର,୧୨।୧୦ (ନି.ପ୍ର): ଚଳିତ ବର୍ଷର ଡି.ଇଏଲ୍.ଇଡି, ପରୀକ୍ଷାର ପରୀକ୍ଷାର୍ଥୀମାନେ କୋଭିଡ୍-୧୯ ସଂକ୍ରମଣ ଦୃଷ୍ଟିରୁ ସେମାନଙ୍କର ବାସସ୍ଥାନରୁ ଦୂରରେ ରହି ପରୀକ୍ଷା ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି । ସେମାନେ ପାଠ ପଢୁଥିବା ଡିଆଇଇଟି/ ଇଟିଇଆଇ/ଡିଆରସି ଇତ୍ୟାଦି ସେମାନଙ୍କର ଘରଠାରୁ ଦୂରରେ ହୋଇଥିବାରୁ ସେମାନେ ପରୀକ୍ଷା ସମୟରେ ରହିବାର ଅସୁବିଧା ବିଷୟରେ ଚିନ୍ତିତ ଅଛନ୍ତି । କିଛି ପରୀକ୍ଷାର୍ଥୀ ଅନ୍‌ଲାଇନ୍ ରେ ପରୀକ୍ଷା ପରିଚାଳନା ପାଇଁ ଇଚ୍ଛା ପ୍ରକାଶ କରୁଥିବା ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ବୈଠକରେ ଏହି ବର୍ଷର ଡି.ଇଏଲ୍.ଇଡିର ପରୀକ୍ଷା ସେଂଟରଗୁଡ଼ିକ ପ୍ରତ୍ୟେକ ଡିଆଇଇଟିର ୫ କିମି ମଧରେ କରାଯିବ ବୋଲି ନିଷ୍ପତି ନିଆଯାଇଛି । ପରୀକ୍ଷାର୍ଥୀମାନେ ସେମାନଙ୍କର ପାଠ ପଢୁଥିବା ଡିଆଇଇଟି / ଇଟିଇଆଇ/ ଡିଆରସିରେ ଯଥା ସମ୍ଭବ ରହିବାର ବ୍ୟବସ୍ଥା କରିବା ପାଇଁ ପ୍ରଯତ୍ନ କରାଯିବ । ଯେଉଁ ପରୀକ୍ଷାର୍ଥୀମାନେ ଏହି ସୁବିଧା ଉପଲବ୍ଧ କରିବାକୁ ଚାହୁଁନଥିବେ, ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରମାନଙ୍କ ମଧ୍ୟରୁ କେଉଁଠି ସେମାନେ ପରୀକ୍ଷା ସୁବିଧାରେ ଦେଇପାରିବେ ସେ ବିଷୟରେ ସେମାନଙ୍କର ମତ (ଅପ୍‌ସନ୍) ନିଆଯାଇ, ସେହି କେନ୍ଦ୍ରରେ ସେମାନଙ୍କୁ ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯିବ । ପରୀକ୍ଷାର୍ଥୀମାନେ ସେମାନେ ପାଠ ପଢୁଥିବା ଡିଆଇଇଟି ମାଧ୍ୟମରେ ଏହି ଅପ୍‌ସନ୍ ଦେବେ । ଏ ନେଇ ବୋର୍ଡ ତରଫରୁ ଯଥାଶୀଘ୍ର ନୋଟିଫିକେସନ୍ ଜାରି କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଂଜନ ଦାଶ କହିଛନ୍ତି । ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଥର୍ମାଲ ସ୍କ୍ରିନିଂ ସହିତ ସାନିଟାଇଜେସନ୍ ର ବ୍ୟବସ୍ଥା କରାଯାଇ କୋଭିଡ୍ ?-୧୯ ମାର୍ଗଦର୍ଶିକା ଅନୁଯାୟୀ ପରୀକ୍ଷା ପରିଚାଳନା କରାଯିବ । ଆବଶ୍ୟକ ହେଲେ ପରୀକ୍ଷା ସୂଚୀରେ ସାମୟିକ ପରିବର୍ତନ କରାଯିବ । ▶▶ପୃଷ୍ଠା ୭

# ଦିନକରେ ୪୨ ପଜିଟିଭ୍ ଚିହ୍ନଟ : ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୮୭୨୬କୁ ବୃଦ୍ଧି




ବାଲେଶ୍ୱର,୧୨।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି । ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୧ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୯ହଜାର ଟପିଛି । ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୨୪୨୩ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୫୪ହଜାର ୬୬୨ ଛୁଇଁଛି । ଅନ୍ୟପକ୍ଷରେ ଆଜି ୧୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୪୦ରେ ପହଞ୍ଚିଛି । ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୪୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୮୭୨୬ରେ ପହଞ୍ଚିଛି । ଏବେ ସୁଦ୍ଧା ଜିଲ୍ଲାରେ ୭୮୫୩ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୮୧୦ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଗତକାଲି ଭଳି ଆଜି ଆଜି ମଧ୍ୟ ବାଲେଶ୍ୱର ଜିଲ୍ଲାର ୩ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ଆକ୍ରାନ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାର ଜଣେ ୫୫ବର୍ଷର ମହିଳାଙ୍କ ସମେତ ୬୦ ଓ ୬୫ ବର୍ଷର ୨ ଜଣ ପୁରୁଷଙ୍କର କରୋନାରେ ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ । ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୫୮ରେ ପହଞ୍ଚିଛି । ତେବେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଃଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ପଶ୍ଚିମ ବଙ୍ଗରେ ଗତ ୨୪ ଘଂଟାରେ ୩,୫୮୩ କରୋନାର ନୂଆ ମାମଲା: ୬୦ ମୃତ୍ୟୁ

କୋଲକାତା ,୧୨।୧୦ (ନି.ପ୍ର) : ପଶ୍ଚିମବଙ୍ଗ ରେ ଗତ ୨୪ ଘଂଟାରେ ୩,୫୮୩ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୬୦ ଜଣଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୨,୯୮,୩୮୯ହୋଇ ଯାଇଛି ।

# ଗୁହାରୀ ଶୁଣିଲେନି ସରକାର : ଗ୍ରାମବାସୀ ନିଜେ ତିଆରି କଲେ କାଠ ପୋଲ



ରାୟଗଡ଼ା ,୧୨।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା କଲ୍ୟାଣୀ ସିଂହପୁର ବ୍ଲକ ନାଗାବଳୀ ନଦୀ ଅବବାହିକାରେ ୮ ଖଣ୍ଡ ଗ୍ରାମ ଅବସ୍ଥିତ । ଗ୍ରାମବାସୀଙ୍କ ଜୀବନ ଜୀବିକା ସବୁବେଳ ପାଇଁ ଅନ୍ଧାରମୟ । ଗୁହାରୀ ଶୁଣିଲେନି ସରକାର । ବର୍ଷବର୍ଷ ଧରି ଗୁହାରୀ କଲାପରେ ମଧ ଅଣଦେଖା କଲେ । ଆଉ କେତେଦିନ ନଦୀ ଗର୍ଭରେ ଜୀବନକୁ ବାଜି ଲଗାଇ ଜୀବନ ଯାପନ କରିବେ । ନଇ ସେପଟେ ୮ ଖଣ୍ଡ ଗ୍ରାମବାସୀଙ୍କ ଜୀବନ ଜୀବିକା । ଭରାନଇ ପାର ନହେଲେ ଜୀବିକା ଉଜୁଡି ଯାଉଛି । ସରକାରଙ୍କ ଉପରୁ ସମସ୍ତ ଆସ୍ଥା ଓ ଭରଷା ତୁଟାଇ ନାଗାବଳି ନଦୀ ଉପରେ କାଠପୋଲଟିଏ ନିର୍ମାଣ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି କଲ୍ୟାଣସିଂହପୁର ବ୍ଲକ ନଦୀ ତଟବର୍ତ୍ତୀ ଗ୍ରାମବାସୀ ।କଲ୍ୟାଣସିଂହପୁର ବ୍ଲକ ନାଗାବଳୀ ନଦୀ ଅବବାହିକାରେ ୮ଖଣ୍ଡ ଗାଁ । ସର୍ବଦା ବାହ୍ୟଜଗତରୁ ବିଚ୍ଛିନ୍ନ । ବର୍ଷବର୍ଷ ଧରି କେତେଯେ ଗୁହାରୀ କରିଛନ୍ତି ଗୋଟିଏ ସ୍ଥାୟୀ ପୋଲପାଇଁ, ହେଲେ କେହି ଶୁଣିଲେ ନାହିଁ । ପରିଶେଷରେ ସରକାରଙ୍କ ଠାରୁ ନିରାସ ହୋଇ ଗ୍ରାମବାସୀ ମିଳିତ ଭାବେ ଏକ କାଠପୋଲ ନିର୍ମାଣ କରିଛନ୍ତି । ପ୍ରଶାସନ ଉପରେ ଭରସା ଉଠିଯିବା ପରେ ନିଜସ୍ୱ ଉଦ୍ୟମରେ ସମ୍ପୂର୍ଣ୍ଣ ନିଜସ୍ୱ ଜ୍ଞାନ କୌଶଳରେ ପୋଲ ନିର୍ମାଣ କରି ଜିଲ୍ଲାପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ନାଗାବଳୀ ନଦୀ ଉପରେ ନିର୍ମାଣ ହୋଇଛି ଏହି ପୋଲ । ପୋଲ ନିର୍ମାଣ ପରେ ନିଜର ଜୀବନ ଜୀବିକା ସ୍ୱାଭାବିକ ହୋଇପାରିଛି । ପୋଲ ନିର୍ମାଣ ପରେ ବର୍ଷବର୍ଷ ▶▶ପୃଷ୍ଠା ୭

# ମୟୁରଭଂଜର ଅର୍ପିତା ହେଲେ ଅପେରା ମିସ ଇଣ୍ଡିଆର ପ୍ରଥମ ରନର୍ସଅପ



ବାରିପଦା,୧୨।୧୦ (ନି.ପ୍ର): ବଣ ପାହାଡ଼ ଘେରାଅଂଚଳ ବାବଦରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମୟୁରଭଂଜ ଜିଲ୍ଲାର ବାରିପଦା ସହର ପାଲବଣୀ ୱାଡ଼ ନଂ ୧୩ର ଅସୀତ କୁମାର ଦାସଙ୍କ ଏକମାତ୍ର ଝିଅ ଅର୍ପିତା ଦାସ ଅପେରା ମିସ ଇଣ୍ଡିଆର ପ୍ରଥମ ରନର୍ସ ଅପ ଭାବେ ପୁରସ୍କୃତ ହୋଇଛନ୍ତି । ବାରିପଦାର ଝିଅ ଜାତୀୟ ସ୍ତରରେ ଜିଲ୍ଲାର ଟେକ ରଖିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମଧ ପ୍ରଦାନ କରାଯାଉଛି । ରାଗଧା ସ୍ଥିତ ଶ୍ରୀରାମ ଚନ୍ଦ୍ର ଡିଗ୍ରୀ କଲେଜରେ ଯୁକ୍ତ ୩ କଳାର ପ୍ରଥମ ବର୍ଷର ଛାତ୍ରୀ । ପାଠ ପଢା ସହିତ ଓଡ଼ିଶୀ, ଛଉ ଏବଂ ମଡର୍ନ ନୃତ୍ୟରେ ସେ ପାରଙ୍ଗମ ଅଟନ୍ତି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ସହିତ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସେ ପୁରସ୍କୃତ ମଧ ହୋଇଛନ୍ତି । ନିଜର ଦକ୍ଷତା ବଳରେ ଆନ୍ତର୍ଜାତିକ ସ୍ତରରେ ହେଉଥିବା ଅପେରା ମିସ ଇଣ୍ଡିଆ ୨୦୨୦ ରେ ଓଡ଼ିଶାରେ ସେମି ଫାଇନାଲକୁ ଉତୀର୍ଣ୍ଣ ହୋଇ ଗ୍ରାଣ୍ଡ ଫାଇନାଲରେ ଟୋପ ୩୦ଜଣ ପ୍ରତିଯୋଗୀଙ୍କ ଭିତରେ ସ୍ଥାନ ପାଇଛନ୍ତି । ତେବେ ରବିବାର ଅନଲାଇନ ମାଧ୍ୟମରେ ଅପେରା ମିସ ଇଣ୍ଡିଆର ହୋଇଥିବା ଗ୍ରାଣ୍ଡ ଫାଇନାଲରେ ଅର୍ପିତା ପ୍ରଥମ ରନର୍ସଅପ ଭାବେ ଉର୍ତୀର୍ଣ୍ଣ ହୋଇ ବିଜୟ ମୁକୁଟ ପିନ୍ଧିଛନ୍ତି । ଅର୍ପିତା ଏଥି ପୂର୍ବରୁ ବାଲେଶ୍ୱରର ହରିପ୍ଲାଜା ଠାରେ ହୋଇଥିବା ଓଡ଼ିଶା କ୍ବିନ୍ ମଡେଲିଂ ପ୍ରତିଯୋଗିତାର ଅଡିସନ ୨୦୧୯ରେ ମଧ ଉର୍ତୀର୍ଣ୍ଣ ହୋଇଥିଲେ ।

## ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୭,୦୮୯ କରୋନାର ନୂଆ ମାମଲା

ମୁମ୍ବାଇ ,୧୨।୧୦ (ନି.ପ୍ର): ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୭,୦୮୯ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୧୬୫ ଜଣଙ୍କର ମୃତ୍ୟୁ ଘଟିଛି । ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୫,୩୫,୩୧୫ହୋଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ କରୋନା କାରଣରୁ ୪୦,୫୧୪ ଜଣ ମୃତ୍ୟୁବରଣ କରିଛନ୍ତି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୬୬,୭୩୨ ନୂଆ ମାମଲା, ୮୧୬ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୨।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୬୬,୭୩୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୮୧୬ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୧,୨୦,୫୩୯ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୮,୬୧,୮୫୩ ଥିବା ବେଳେ ବର୍ତମାନ ସୁଦ୍ଧା ୧,୦୯,୧୫୦ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଶରତ କରଙ୍କ ବିୟୋଗରେ ପଂଚାୟତିରାଜ ମନ୍ତ୍ରୀଙ୍କ ଶୋକ


ଭୁବନେଶ୍ୱର,୧୨।୧୦ (ନି.ପ୍ର): ପୂର୍ବତନ ବାଚସ୍ପତି ଶରତ କରଙ୍କ ବିୟୋଗରେ ପଂଚାୟତିରାଜ, ପାନୀୟଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଗଭୀର ଶୋକ ପ୍ରକାଶ କରିଛନ୍ତି । ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ଶୋକ ବାର୍ତାରେ କହିଛନ୍ତି ଯେ, ସଡ଼ିଶାର ଅନ୍ୟତମ ବାଗ୍ମୀ ପ୍ରତିଭାଧର ରାଜ ନେତା ପୂର୍ବତନ ମନ୍ତ୍ରୀ, ସାଂସଦ ଓ ବାଚସ୍ପତି ଶରତ କରଙ୍କ ବିୟୋଗ ଖବର ପାଇ ଅତ୍ୟନ୍ତ ମର୍ମାହତ । ସ୍ୱର୍ଗତ କର ମାହାଙ୍ଗା ଅଂଚଳରେ ପ୍ରତି ଘରକୁ ଘର ସୁପରିଚିତ ଥିଲେ । ଜଣେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ, ସଂଗ୍ରାମୀ ନେତା, ସୁବକ୍ତା ଥିଲେ ।

# ବିଦ୍ୟୁତ ଆଘାତରେ ଯୁବକ ମୃତ : କ୍ଷତିପୂରଣ ଦାବି ,ଡାକ୍ତରଖାନାରେ ଉତ୍ତେଜନା



ନୀଳଗିରି,୧୨।୧୦ (ନି.ପ୍ର): ସକାଳ ପ୍ରାୟ ୭ .୨୫ ମିନିଟ ସମୟରେ ନୀଳଗିରି ଥାନା ଅଧିନସ୍ଥ ଜଡିଦା ଗ୍ରାମ ଜଡିଦା ଉପ୍ରା ବିଦ୍ୟାଳୟ ନିକଟରେ ଥିବା ଟ୍ରାନ୍ସଫରମରରେ ବିଦ୍ୟୁତ ବିଭାଗର କର୍ମଚାରୀ ସହିତ ୨ଜଣ ଯୁବକ ବିଦ୍ୟୁତ ସଜାଡୁଥିଲା ବେଳେ ହଠାତ ବୃଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଅସ୍ଥାୟୀ ବିଦ୍ୟୁତ ବିଭାଗରେ କାମ କରୁଥିବା ଯୁବକ ଜଣକଙ୍କ ଗୁରୁତର ହୋଇଥିଲେ । ଗ୍ରାମବାସୀଙ୍କ ସହଯୋଗରେ ଘଟଣାସ୍ଥଳରେ ଦମକଳ ବାହିନି ପହଂଚି ଯୁବକଙ୍କୁ ନୀଳଗିରି ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କଲା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଖବର ପାଇ ଯୁବକଙ୍କ ପରିବାର, ଗ୍ରାମବାସୀ ଓ ସମ୍ପର୍କୀୟ ପହଂଚି କ୍ଷତିପୂରଣ ଦାବୀରେ ଅଡିବସିବାରୁ ଡାକ୍ତର ଖାନାରେ ଉତେଜନା ଦେଖାଯାଇଛି । ସୂଚନା ଥାଉକି ନୀଳଗିରି ଉପଖଣ୍ଡ ବିଦ୍ୟୁତ ବିଭାଗ ଅଧିନସ୍ଥ ଭାଲୁକାଶୁଣି ଷ୍ଟକଚରରେ ନରଣପୁର ଗ୍ରାମ ଅଟେ । ଉକ୍ତ ଗ୍ରାମରେ ୰ସର୍ବେଶ୍ୱର ବାଗଙ୍କ ପୁତ୍ର ମଂଟୁ ଓରଫ ହିମାଂଶୁ(୩୮) ଉକ୍ତ ଷ୍ଟକଚରରେ ଅସ୍ଥାୟୀ ଭାବେ ବିଦ୍ୟୁତ କାର୍ଯ୍ୟକରେ । ଭାଲୁକାଶୁଣି ଷ୍ଟକ୍ଚର ଲାଇନମ୍ୟାନ ରାଜା ଓରଫ ମାନସ ଜେନା ବିଭିନ୍ନ ସମୟରେ ହିମାଂଶୁକୁ ନରଣପୁର ସହିତ ଅନ୍ୟ ଗ୍ରାମରେ ବିଦ୍ୟୁତରେ କୌଣସି ସମସ୍ୟା ହେଲେ ଡାକି ସଜାଡନ୍ତି । ଆଜି ସକାଳେ ପୋଡାଶୂଳ ଗ୍ରାମର ଜଡିଦା ଉପ୍ରା ବିଦ୍ୟାଳୟ ଠାରେ ଥିବା ଷ୍ଟ୍ରାନ୍ସଫରମରରେ କିଛି ଖରାପ ଯୋଗୁଁ ପୋଡାଶୂଳ ଅଂଚଳରେ ବିଦ୍ୟୁତ ନଥିଲା । ଏହାକୁ ସଜାଡିବା ପାଇଁ ଲାଇନମ୍ୟାନ ମାନସ, ହିମାଂଶୁ ଓ ବୃଦ୍ୟୁତ କର୍ମଚାରୀ ତଥା କୁସୁମିଆ ଗ୍ରାମର ଶରତ ମଡେଇ ତାଙ୍କ ପୁତ୍ର କହ୍ନେଇ ଜଡିଦାକୁ ଯାଇ ସଜାଡିବାକୁ କହିଥିଲେ । ଘଟଣାସ୍ଥଳରେ ଶରତ ଓ କହ୍ନେଇ ଛିଡାହୋଇଥିଲା ବେଳେ ହିମାଂଶୁ ବାମ ହାତରେ ୨ ଟି ଗ୍ଲୋସ ଧରି ଡାହାଣ ହାତରେ ପ୍ଲାସରେ ବିଦ୍ୟୁତ କାର୍ଯ୍ୟ କରୁଥିଲା ବେଳେ ହଠାତ ବିଦ୍ୟୁତ ଆଘାତ ହେବା ଯୋଗୁଁ ସେ ଦୂରକୁ ଛିଟିକି ପଡି ଗୁରୁତର ହୋଇପଡିଥିଲେ । ଉପସ୍ଥିତ ଥିବା ୨ କର୍ମଚାରୀ ଗ୍ରାମବାସୀଙ୍କ ସହାୟତାରେ ଦମକଳ ଗାଡିରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ଡାକ୍ତରଖାନାରେ ବୃଦ୍ୟୁତ ବିଭାଗର କର୍ମଚାରୀ ମାନେ ପହଂଚି ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦା କ୍ଷିତିପୂରଣ ଦାବୀରେ ଅଡିବସିଛନ୍ତି । ଏହାକୁ ନେଇ ଉତେଜନା ଦେଖାଯାଇଛି । ଘଟଣାସ୍ଥଳରେ ନୀଳଗିରି ପୋଲିସ ପହଂଚି ବୁଝାସୁଝା କରୁଥିବା ଦେଖିବାକୁ ମିଳିଛି । ସେ ଜଣେ ଗରୀବ ଲୋକ ତାଙ୍କ ସ୍ତ୍ରୀ ସହିତ ୨ ଟି ପୁତ୍ର ,ମା ଏବଂ ବାପା ଅଛନ୍ତି । ତାଙ୍କୁ ସରକାରୀ ନିୟମ ଅନୁଯାୟୀ ସହାୟତା କରିବାକୁ ପରିବାର ଓ ଗ୍ରାମବାସୀ ମାନେ ୧୨ ଲକ୍ଷ ଟଙ୍କା ଦାବୀ କରିଛନ୍ତି । ସୂଚନା ଥାଉକି ଲାଇନମ୍ୟାନ ରାଜା ଓରଫ ମାନସ ବିଦ୍ୟୁତ ବିଭାଗ ଅଜାଣତରେ ହିମାଂଶୁକୁ କାର୍ଯ୍ୟରେ ଲଗାଇ ଆସୁଥିଲେ । ଏନେଇ ତାଙ୍କୁ ମଧ ଏକ ନକଲି ଆଇକାର୍ଡ ଦେଇଥିଲେ । ଯାହାକୁ ନେଇ ପରିବାର ଲୋକେ ବିଦ୍ୟୁତ ବିଭାଗର କର୍ମଚାରୀ ବୋଲି ଦାବୀ କରିଥିଲେ । ତଦନ୍ତପରେ ଜଣାପଡିଛି ଉକ୍ତ ଆଇକାର୍ଡଟି ବିଭାଗ ପକ୍ଷରୁ ଦିଆଯାଇନାହିଁ । ଘଟଣାସ୍ଥଳରେ ନୀଳଗିରି ବିଦ୍ୟୁତ ବିଭାଗ ଏସଡିଓ ଇ ଜଯାତିକିଶୋର ସିଂହ ଓ ଜେଇ ଇଂ ଶ୍ରୀକୃଷ୍ଣ ବେହେରା ପହଂଚି ଆଲୋଚନା ପରେ ୨ ଲକ୍ଷଟଙ୍କା କ୍ଷତିପୁରଣ ବାବଦକୁ ଦେବାକୁ ସ୍ଥିତ ହୋଇଛି । ଉକ୍ତ ଟଙ୍କା ଲାଇନମ୍ୟାନ ରାଜା ୧ଲକ୍ଷ ୬୦ ହଜାର ଟଙ୍କା ଦେବା ବେଳେ ଅବଶିଷ୍ଟ ୪୦ ହଜାର ଟଙ୍କା ଜେଇ ଓ ଏସଡିଓ ଦେବା ପାଇଁ ସ୍ଥିର ହୋଇଛି । ଏନେଇ ବିଭାଗ ପକ୍ଷରୁ ଏସଡିଓ ଲିଖିତ ଭାବେ ଥାନାରେ ଦେଇଛନ୍ତି । ମୃତ ହିମାଂଶୁର ବଡଭାଇ ସୁଧାଂଶୁ ବାଗ ଏକ ଅଭିଯୋଗ କରିଥିବା ବେଳେ ଅନୁରୂପ ଭାବେ ଏସଡିଓ ମଧ ଥାନାରେ ଅଭିଯୋଗ କରିଥିଲେ । ଉଭୟପକ୍ଷଙ୍କ ମଧରେ ସମାଧାନ ହୋଇ ଥିବା ଜଣାପଡିଛି । ଏନେଇ ପୋଲିସ ୪୫/୨୦ ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଶରତ କରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ



ଭୁବନେଶ୍ୱର,୧୨।୧୦ (ନି.ପ୍ର): ଓଡିଶା ବିଧାନସଭାର ପୂର୍ବତନ ବାଚସ୍ପତି ଶରତ କରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ୱର୍ଗତ କରଙ୍କୁ ଜଣେ ପ୍ରତିଭାବାନ ରାଜନେତା ଏବଂ ଦକ୍ଷ ପ୍ରଶାସକ ଭାବରେ ବର୍ଣ୍ଣନା କରିଛନ୍ତି । ଓଡିଶା ବିଧାନସଭାର ବାଚସ୍ପତି ଭାବରେ ସେ ଦକ୍ଷତାର ସହ ଗୃହ ପରିଚାଳନା କରି ଏକ ଉତମ ସଂସଦୀୟ ପରମ୍ପରା ପ୍ରତିଷ୍ଠା କରିଥିଲେ । ଓଡିଶା ସରକାରରେ ମନ୍ତ୍ରୀ ଭାବରେ ସେ ବିଭିନ୍ନ ସମୟରେ ତାଙ୍କର ନେତୃତ୍ୱ ଓ ପ୍ରଶାସନିକ ଅଭିଜ୍ଞତାର ପରାକାଷ୍ଠା ରଖିଯାଇଛନ୍ତି । ଜଣେ ସୁଲେଖକ, ସୁବକ୍ତା ଭାବରେ ସ୍ୱର୍ଗତ କର ସମସ୍ତଙ୍କର ଆଦରଣୀୟ ଥିଲେ । ଓଡିଆ ସଂସ୍କୃତି ସଂପର୍କରେ ତାଙ୍କର ଗଭୀର ଜ୍ଞାନ ଥିଲା । ତାଙ୍କ ବିୟୋଗରେ ରାଜ୍ୟ ଜଣେ ବିଶିଷ୍ଟ ରାଜନୈତିଜ୍ଞଙ୍କୁ ହରାଇଲା ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତାରେ କହିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

## ଭୁବନେଶ୍ୱରରେ ସ୍ଥାପନ ହେବ ଆଉ ୨ ଟି ଶ୍ମଶାନ

ଭୁବନେଶ୍ୱର,୧୨।୧୦ (ନି.ପ୍ର): ଭୁବନେଶ୍ୱର ସତ୍ୟନଗର ଶ୍ମଶାନ ଉପରେ ଅଧିକ ଚାପ ରହୁଥିବାରୁ ଖୁବ୍ ଶୀଘ୍ର ରାଜଧାନୀରେ ଆଉ ଦୁଇଟି ଶ୍ମଶାନ କାର୍ଯ୍ୟକ୍ଷମ କରାଯିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର୍ ପ୍ରେମ ଚନ୍ଦ୍ର ଚୌଧୁରୀ କହିଛନ୍ତି । ସେ କହିଛନ୍ତି ଯେ, ଦୁଇଟି ଶ୍ମଶାନ ମଧ୍ୟରୁ ପଟିଆ ଅଂଚଳରେ ହେବାକୁ ଥିବା ଶ୍ମଶାନଟି ବାଷ୍ପ-ଭିତିକ ଏବଂ ଖଣ୍ଡଗିରି ଅଂଚଳରେ ହେବାକୁ ଥିବା ଶ୍ମଶାନଟି ବୈଦ୍ୟୁତିକ । ଦେଢ ମାସ ମଧ୍ୟରେ ଏହି ଦୁଇଟି ଶ୍ମଶାନର କାର୍ଯ୍ୟ ଶେଷ ହେବ । ବର୍ତମାନ କରୋନା କଟକଣା ଯୋଗୁଁ ପୁରୀ ସ୍ୱର୍ଗଦ୍ୱାରରେ ଶବ ସତ୍କାର ଉପରେ କଟକଣା ରହିଛି । ଏଥିଯୋଗୁଁ ସତ୍ୟ ନଗର ଶ୍ମଶାନରେ କୋଭିଡ୍-୧୯ଜନିତ ମୃତକମାନଙ୍କ ଶବ ସତ୍କାର କରାଯାଉଛି । ଦୈନିକ ପ୍ରାୟ ୨୫ ରୁ ଉର୍ଦ୍ଧ୍ୱ ଶବ ସତ୍କାର ହେଉଥିବାରୁ ସ୍ଥାନୀୟ ବାସିନ୍ଦାମାନେ ବଡ଼ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ଜୀବନଯାପନ କରୁଥିବା କଥା ଅଭିଯୋଗ କରିଛନ୍ତି । ଏନେଇ ସ୍ଥାନୀୟ ଅଂଚଳବାସୀ ଆଜି ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ଉପ-ନିର୍ବାଚନ ପାଇଁ କର୍ମଚାରୀଙ୍କ ତାଲିମ ୧୩ରୁ

### ତାଲିମ ଶିବିରରେ ଅନୁପସ୍ଥିତଙ୍କ ଉପରେ ହେବ କଡା କାର୍ଯ୍ୟାନୁଷ୍ଠାନ

ବାଲେଶ୍ୱର,୧୨।୧୦ (ନି.ପ୍ର): ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପ-ନିର୍ବାଚନ ପାଇଁ ନିୟୋଜିତ ହୋଇଥିବା କର୍ମଚାରୀଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ ଅକ୍ଟୋବର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଅକ୍ଟୋବର ୧୯ ଓ ୨୦ ତାରିଖରେ ଅନୁଷ୍ଠିତ ହେବ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ହେବାକୁ ଥିବା ଏହି ତାଲିମରେ ପ୍ରିଜାଇଡିଂ ଅଫିସର ଏବଂ ପ୍ରଥମ ପୋଲିଂ ଅଫିସରମାନେ ଭାଗ ନେବେ । ଜିଲ୍ଲା ସ୍କୁଲର ୧୬ଟି କକ୍ଷରେ ହେବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମରେ ଅକ୍ଟୋବର ୧୩ତାରିଖ ଦିନ ୫୧୯ଜଣ ଓ ୧୪ତାରିଖ ଦିନ ୫୧୯ଜଣ ପ୍ରିଜାଇଡିଂ ଅଫିସର ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ତାଲିମ ଦିଆଯିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ତାଲିମରେ ଅକ୍ଟୋବର ୧୯ ତାରିଖ ଦିନ ୫୧୯ଜଣ ଓ ୨୦ ତାରିଖ ଦିନ ୫୧୯ଜଣଙ୍କୁ ପ୍ରିଜାଇଡିଂ ଅଫିସର ଓ ପ୍ରଥମ ପୋଲିଂ ଅଫିସରଙ୍କୁ ପ୍ରଶିକ୍ଷଣ ଦିଆଯିବ । ୩୨ଜଣ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଓ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ମାଷ୍ଟର ଟ୍ରେନରଙ୍କ ସମେତ ୩୨ଜଣ ସେକ୍ଟର ଅଫିସର ଏହି ପ୍ରଶିକ୍ଷଣ ପ୍ରଦାନ କରିବେ । କୋଭିଡ ନିୟମର ଅନୁପାଳନ ପୂର୍ବକ ସମସ୍ତଙ୍କୁ ତାଲିମ ଦେବା ବ୍ୟବସ୍ଥା କରାଯାଇଛି । ସମସ୍ତ ପୋଲିଂ କର୍ମଚାରୀମାନଙ୍କ ପାଇଁ ଏହି ତାଲିମ ବାଧ୍ୟତାମୂଳକ କରାଯାଇଛି । ଯିଏ ଏହି ତାଲିମ ଶିବିରରେ ଅନୁପସ୍ଥିତ ରହିବେ ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo